## ପ୍ରଶାସନର ଲଗାମ୍ ନାହିଁ
# ପର୍ଯ୍ୟଟକ ଭୋଗୁଛନ୍ତି 'ଚେକ୍ ଆଉଟ୍' ଯାତନା

**ପୁରୀ, ୧୩।୧୨(ସମିସ)**

ପୁରୀ କେବଳ ଆଧ୍ୟାତ୍ମିକ ସହର ନୁହେଁ ଏହା ଏକ ପର୍ଯ୍ୟଟନର ସହର ଭାବେ ବେଶ୍ ପ୍ରସିଦ୍ଧ। ଏଠାକୁ ପ୍ରତ୍ୟେକ ଦିନ ହଜାର ହଜାର ଭକ୍ତ, ପର୍ଯ୍ୟଟକ ଆସିଥାନ୍ତି। ହେଲେ ବିଭିନ୍ନ ସମୟରେ ପର୍ଯ୍ୟଟକ ଶୋଷଣ ହେଉଥିବା ଅଭିଯୋଗ ଶୁଣିବାକୁ ମିଳିଥାଏ। ପର୍ଯ୍ୟଟକମାନେ ଏମିତି ଏକ ଆର୍ଥିକ ଶୋଷଣର ଶିକାର ହୁଅନ୍ତି ପ୍ରତିବାଦ କରିବାକୁ ଚାହିଁଲେ ବି ସେମାନେ ମୁହଁ ଖୋଲିପାରୁ ନାହାନ୍ତି। ହୋଟେଲ ମାଲିକଙ୍କ ମନମାନୀ ସେମାନଙ୍କ ଉପରେ ଭାରିପଡୁଛି। ପୁରୀ ସହରରେ ହାତଗଣତି କିଛି ହୋଟେଲ ଛାଡ଼ିଦେଲେ ପ୍ରାୟ ସବୁ ହୋଟେଲ, ଲଜିଂରେ ଯାତ୍ରୀ, ପର୍ଯ୍ୟଟକଙ୍କୁ ଦିଆଯାଉଛି ଚେକ୍ ଆଉଟ୍ ଯାତନା। ଅର୍ଥାତ୍ ଚେକ୍ ଆଉଟ୍ କରିବାର ସମୟକୁ ନିର୍ଦ୍ଦିଷ୍ଟ ରଖି ଏଭଳି ମନମାନୀ ଚଳାଇଛନ୍ତି ହୋଟେଲ, ଲଜିଂର ମାଲିକମାନେ। ପ୍ରଶାସନିକ ଅଧିକାରୀ ଏ ବିଷୟରେ ଅବଗତ ଥାଇ ମଧ୍ୟ ଚୁପ୍ ରହୁଛନ୍ତି। ଫଳରେ ପୁରୀକୁ ଆସି ତିକ୍ତ ଅନୁଭୂତି ନେଇ ଫେରୁଛନ୍ତି ପର୍ଯ୍ୟଟକ।

ପୁରୀକୁ ଦୈନିକ ଦେଶ ବିଦେଶରୁ ହଜାର ହଜାର ପର୍ଯ୍ୟଟକ ଆସିଥାନ୍ତି। ସାଧାରଣ ଦିନ ଅପେକ୍ଷା ପର୍ବପର୍ବାଣି ଏବଂ ଛୁଟି ଦିନରେ ହୋଟେଲରେ ରୁମ୍ ମିଳିବା କଷ୍ଟକର ହୋଇପଡ଼େ। ଏହାକୁ ନଜରରେ ରଖି ସହରରେ ଛୋଟବଡ଼ ପ୍ରାୟ ୧୨୦୦ରୁ ଅଧିକ ହୋଟେଲ, ଲଜିଂ ଆଦି ରହିଛି। ପୁରୀକୁ ଭକ୍ତ, ପର୍ଯ୍ୟଟକ ଆସିବା ଦ୍ୱାରା ଏହାର ଅର୍ଥନୀତି ମଧ୍ୟ ସଶକ୍ତ ହେଉଛି, ଯାହା ଏକ ଶୁଭ ସଙ୍କେତ। ହେଲେ ଯେଉଁ ପର୍ଯ୍ୟଟକମାନେ ପୁରୀର ଅର୍ଥନୀତିକୁ ସୁଦୃଢ଼ କରିବାରେ ସହଯୋଗ ରଖୁଛନ୍ତି ସେମାନଙ୍କୁ କିନ୍ତୁ ଏଠାରେ ବିଭିନ୍ନ ଉପାୟରେ ଶୋଷଣ କରାଯାଉଛି। ସେଥିମଧ୍ୟରୁ ହୋଟେଲ ଶିଳ୍ପ କଥା ବିଚାର କଲେ ଏଠାରେ ମଧ୍ୟ ପର୍ଯ୍ୟଟକଙ୍କୁ ଚେକ୍ ଆଉଟ୍ ଯାତନା ଦିଆଯାଉଛି। ପର୍ଯ୍ୟଟକଙ୍କୁ ଉତ୍ତମ ସେବା ଓ ସୁବିଧା ଯୋଗାଇଦେବା ଉପରେ ଗୁରୁତ୍ୱ ଦିଆଯାଉଛି। କାରଣ ସେମାନେ ଯଦି ଭଲ ଅନୁଭୂତି ନେଇ ଫେରିବେ ତେବେ ପର୍ଯ୍ୟଟକଙ୍କ ସଂଖ୍ୟା ଆହୁରି ବଢ଼ିବ। କିନ୍ତୁ ଅନେକ ସମୟରେ ପର୍ଯ୍ୟଟକମାନେ ଆର୍ଥିକ ଶୋଷଣର ଶିକାର ହେଉଥିବାରୁ ତିକ୍ତ ଅନୁଭୂତି ନେଇ ଫେରୁଛନ୍ତି। ହୋଟେଲରେ



ରହଣି ସମୟରେ ପର୍ଯ୍ୟଟକଙ୍କୁ ଶୋଷଣ କରାଯାଉଛି। ହୋଟେଲ ମାଲିକମାନେ ସେମାନଙ୍କ ମାନସିକତାରେ ପରିବର୍ତ୍ତନ ଆଣୁ ନ ଥିବା ଏହାର ମୁଖ୍ୟ କାରଣ। କାରଣ ପୁରୀର ପ୍ରାୟ ସବୁ ହୋଟେଲରେ ଚେକ୍ ଆଉଟ୍ ସମୟ ସକାଳ ୮ଟା ରଖାଯାଇଛି। ଏହାଦ୍ୱାରା ପର୍ଯ୍ୟଟକମାନେ ଆର୍ଥିକ ଶୋଷଣର ଶିକାର ହେଉଥିବା ବେଳେ ମାନସିକ ଯାତନା ଭୋଗୁଛନ୍ତି। ଅଯଥାରେ ସେମାନଙ୍କୁ ଅଧିକ ଟଙ୍କା ଗଣିବାକୁ ପଡୁଛି।

ଓଡ଼ିଶାର ପ୍ରାୟ ସବୁ ସହରରେ ହୋଟେଲଗୁଡ଼ିକ ୨୪ ଘଣ୍ଟାରେ ଗୋଟିଏ ଦିନର ଭଡ଼ା ନେଉଛନ୍ତି। ଅର୍ଥାତ୍ ଯିଏ ଯେଉଁ ସମୟରେ ରହିଲା ୨୪ ଘଣ୍ଟା ହିସାବରେ ଗୋଟିଏ ଦିନର ଭଡ଼ା ଦେଉଛନ୍ତି। କିନ୍ତୁ ପୁରୀରେ ଏଥିରେ ବ୍ୟତିକ୍ରମ ଦେଖିବାକୁ ମିଳୁଛି। ଜଣେ ଯାତ୍ରୀ ଯଦି ରାତି ୧୨ଟାରେ ହୋଟେଲରେ ପହଞ୍ଚି ରହୁଛନ୍ତି ତାଙ୍କର ଚେକ୍ ଆଉଟ୍ ସମୟ ସକାଳ ୮ଟା ରହୁଛି। ଅର୍ଥାତ୍ ୮ ଘଣ୍ଟା ରହିଲେ ମଧ୍ୟ ତାଙ୍କୁ ଗୋଟିଏ ଦିନର ଭଡ଼ା ଦେବାକୁ ପଡୁଛି। ଯଦି ତାଙ୍କର ଟ୍ରେନ୍ କିମ୍ବା ବସ୍ ସମୟ ଅପରାହ୍ଣ ୪ଟାରେ ଅଛି ସେ ସେହି ସମୟରେ ହୋଟେଲ ଛାଡ଼ିବାକୁ ଚାହିଁବେ ତାଙ୍କୁ ୨ ଦିନର ରୁମ୍ ଭଡ଼ା ଦେବାକୁ ପଡୁଛି। ଏମିତି ଉପାୟରେ ପର୍ଯ୍ୟଟକମାନେ ହୋଟେଲରେ ଶୋଷଣର ଶିକାର ହେଉଛନ୍ତି। ବିଗତ ଦିନରେ ଜିଲ୍ଲା ଖାଉଟି ସୁରକ୍ଷା ପରିଷଦ ବୈଠକରେ ଏହି ପ୍ରସଙ୍ଗ ଉଠିଥିଲା। ତତ୍କାଳୀନ ଅତିରିକ୍ତ ଜିଲ୍ଲାପାଳ ପ୍ରଦୀପ କୁମାର ସାହୁ ଏହା ଉପରେ ଅନୁଧ୍ୟାନ କରାଯିବ ବୋଲି କହିଥିଲେ। କିନ୍ତୁ ଏହାପରେ ସମସ୍ତେ ଚୁପ୍। ଏମିତି ହୋଟେଲଗୁଡ଼ିକରେ ଚାଲିଛି ପୁରୀରେ ପର୍ଯ୍ୟଟକଙ୍କୁ ଶୋଷଣ। ଏହାକୁ ନେଇ ଯଦିଓ ଯାତ୍ରୀ, ପର୍ଯ୍ୟଟକଙ୍କ ମନରେ ଅସନ୍ତୋଷ ରହୁଛି ହେଲେ ସେମାନେ ପ୍ରକାଶ କରିପାରୁ ନାହାନ୍ତି। ଯେହେତୁ ସେମାନେ ଦିନେ ଦୁଇଦିନ ରହୁଛନ୍ତି ତେଣୁ ଏହାକୁ ନେଇ ମୁହଁ ଖୋଲି କାହାର ରୋଷର ଶିକାର ହେବାକୁ ଚାହୁଁ ନାହାନ୍ତି। ତଥାପି ପୁରୀରେ ଏଭଳି ଶୋଷଣ ବନ୍ଦ ହେବା ଦରକାର ବୋଲି କୁହାଯାଉଛି।

## ଛାତ୍ରୀଙ୍କୁ ଅସଦାଚରଣ; କଲେଜ ରାତ୍ର ଜଗୁଆଳି ଗିରଫ

**କଣାସ, ୧୩।୧୨(ସମିସ):** କଣାସ କଲେଜରେ ଯୁକ୍ତ ୨ କଳା ବିଭାଗରେ ପଢୁଥିବା ଜନୈକା ଛାତ୍ରୀ(୧୬)ଙ୍କୁ ସେହି କଲେଜର ରାତ୍ର ଜଗୁଆଳି ଅସଦାଚରଣ କରିଥିବା ଅଭିଯୋଗ ହୋଇଛି। ଏ ନେଇ ପୁଲିସ ସମ୍ପୃକ୍ତ ରାତ୍ର ଜଗୁଆଳି କଣାସ ଥାନା ଅନ୍ତର୍ଗତ କଣାସ ଗ୍ରାମର ଧ୍ରୁବ ଚରଣ ମହାପାତ୍ର ଓରଫ ବିଜୁଙ୍କୁ କୋର୍ଟ ଚାଲାଣ କରିଛି।

ପ୍ରକାଶ ଯେ, ଛାତ୍ରୀ ଜଣକ ସବୁବେଳେ କଲେଜକୁ ଯିବାଆସିବା କରିବାବେଳେ ଧ୍ରୁବ ଚରଣ ରାସ୍ତାରେ ତାଙ୍କୁ ଅଟକାଇ ଅସଦାଚରଣ କରିବାକୁ ଚେଷ୍ଟା କରିଥିଲେ। ଏମିତିକି ପାଟିକଲେ ହତ୍ୟା ଧମକ ଦେଇ ତାଙ୍କ ସହିତ ବାହାରକୁ ବୁଲିଯିବାକୁ ଧମକ ଦେଇଥିଲେ। ଛାତ୍ରୀଙ୍କ ସାର୍ଟକୁ ଟଣାଓଟରା କରିଥିବା ନେଇ ଛାତ୍ରୀ ଜଣକ ତାଙ୍କ ମାଆଙ୍କୁ ଜଣାଇଥିଲେ। ଏନେଇ ପୀଡ଼ିତାଙ୍କ ମାଆ କଣାସ ଥାନାରେ ଅଭିଯୋଗ କରିଥିଲେ। କଣାସ ଥାନା ଅଧିକାରୀ ପ୍ରଶନ୍ନ କୁମାର ନାୟକ ତଦନ୍ତ ଦାୟିତ୍ୱ ଏସ୍ଆଇ ଦେବୀ ପ୍ରଶାଦ ଲେଙ୍କାଙ୍କୁ ଦେଇଥିଲେ। କଣାସ ଥାନା କେସ୍ ନମ୍ବର ୨୯୫/୨୫ରେ ପୋକ୍ସୋ ଆକ୍ଟ ରୁଜୁ କରି ପୁଲିସ ବିଭିନ୍ନ ସ୍ଥାନରେ ଚଢ଼ଉ କରି ଧ୍ରୁବ ଚରଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଥାନା ଅଧିକାରୀ ଶ୍ରୀ ନାୟକ ସୂଚନା ଦେଇଛନ୍ତି। ଏନେଇ ଧ୍ରୁବଙ୍କୁ ପଚାରିବାରୁ ତାଙ୍କୁ ଫସାଇ ଦିଆଯାଇଛି ବୋଲି ପ୍ରକାଶ କରିଛନ୍ତି।

## କଣାସରେ ରାଷ୍ଟ୍ରୀୟ ଲୋକ ଅଦାଲତ



**କଣାସ, ୧୩।୧୨(ସମିସ):** କଣାସ ବ୍ଲକରେ ପ୍ରତିଷ୍ଠିତ ଜେଏମ୍ଏଫ୍ସି କୋର୍ଟ ପରିସରରେ ଶନିବାର ୪ର୍ଥ ରଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ବିଚାରପତି ଶ୍ରୀୟା ରିତୁପର୍ଣ୍ଣା ସାହୁ ଯୋଗଦେଇ ୧୭ଟି ଫୌଜଦାରୀ ମାମଲାର ଫଇସଲା କରିଛନ୍ତି। ଏଥିରେ ପ୍ୟାନେଲ ଆଇନଜୀବୀ ସୁଶାନ୍ତ କୁମାର ମହାନ୍ତି, କୋର୍ଟ ପେସ୍କାର କୃଷ୍ଣଚନ୍ଦ୍ର ଶତପଥୀ, ନାଜିର୍ ଆଶିଷ୍ କୁମାର ଭଟ୍ଟାଚାର୍ଯ୍ୟ, ମନୋଜ ପ୍ରଧାନ, ସହ ଆଇନଜୀବୀ ତଥା ଏପିପି ରବିଶଙ୍କର ଜେନା, ବିକ୍ରମ କୁମାର ନାଥ, କଣାସ ବାର୍ ଆସୋସିଏନ ସମ୍ପାଦକ ବିଶ୍ୱନାଥ ବେହେରା, ଉପସଭାପତି ରବୀନ୍ଦ୍ର ରାଉତରାୟ, ବରିଷ୍ଠ ଆଇନଜୀବୀ ଅଶୋକ କୁମାର ପାଣିଗ୍ରାହୀ, ମନୋଜ ମଙ୍ଗରାଜ, ଭଗବାନ ସ୍ୱାଇଁ, ପ୍ରଶାନ୍ତ ବରାଳ, ପ୍ରବୋଧ ତ୍ରିପାଠୀ, ନିରଞ୍ଜନ ମୁଦୁଲି ପ୍ରମୁଖ ଉପସ୍ଥିତ ଥିଲେ।

## ବିଡିଓଙ୍କ ବଦଳି ନୀତି ଉଲ୍ଲଂଘନ; ହାଇକୋର୍ଟରେ ମାମଲା

**ଗମ୍ଭାରୀପଦା, ୧୩।୧୨(ସମିସ):** ଓଡ଼ିଶା ପ୍ରଶାସନିକ ସେବା ଅଧିକାରୀ ନାରାୟଣ ଦୀକ୍ଷିତଙ୍କୁ ପୁରୀ ଜିଲ୍ଲା କାକଟପୁର ବ୍ଲକ ବିଡିଓ ଭାବରେ ଦିଆଯାଇଥିବା ବଦଳି (ଅର୍ଡର ନଂ.ପିଆର୍-ବିଡିଓ.ଇଏସ୍ ଟିଟି-୦୦୫୨-୨୦୨୪-୨୧୫୪୪/ପିଆର ଆଣ୍ଡ ଡିଡବ୍ଲୁ, ତାରିଖ ୬.୮.୨୦୨୫) ରାଜ୍ୟ ସରକାରଙ୍କ 'କ୍ୟାରିଅର ପ୍ଲାନିଙ୍ଗ୍ ଏବଂ ଟ୍ରାନ୍ସଫର ପଲିସି ଫର୍ ଓଏଏସ୍-୧(ଜେବି) ଅଫିସର୍ସ'ର ଉଲ୍ଲଂଘନ କରୁଥିବା ଅଭିଯୋଗ ହୋଇଛି। ନୀତି ଅନୁଯାୟୀ, ଅଧିକାରୀମାନଙ୍କୁ ସେମାନଙ୍କ ହୋମ୍ ଜିଲ୍ଲା କିମ୍ବା ସବ୍‌ଡିଭିଜନରେ ନିଯୁକ୍ତି କରିବା ନିଷେଧ ଥିବାବେଳେ, ଶ୍ରୀ ଦୀକ୍ଷିତଙ୍କ ସ୍ଥାୟୀ ଠିକଣା ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକର ଡେରୁଣିଆ ଗ୍ରାମରେ ଓ ଥାନା କାକଟପୁର ଅଛି। ଯାହା କାକଟପୁର ସହିତ ଭୌଗୋଳିକ ଦୃଷ୍ଟିରୁ ସଂଲଗ୍ନ। ଅଧ୍ୟାପକ ଡ. ଲକ୍ଷ୍ମୀଧର ବିଶ୍ୱାଳ ଏବଂ ଅନ୍ୟମାନେ ପୁରୀ ଜିଲ୍ଲାରେ ଏହି ନିଯୁକ୍ତିକୁ ବିରୋଧ କରି ଓଡ଼ିଶା ହାଇକୋର୍ଟରେ ଡବ୍ଲୁପି(ସି) ନଂ ୩୪୦୭୫/୨୦୨୫ରେ ଏକ ଜନସ୍ୱାର୍ଥ ମାମଲା ଦାୟର କରିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ଡ. ବିଶ୍ୱାଳଙ୍କ ପୂର୍ବ ଅଭିଯୋଗ (ଇ-ମେଲ୍) କ୍ରମେ, ୨୦୧୮ ରେ ଶ୍ରୀ ଦୀକ୍ଷିତଙ୍କୁ ତାଙ୍କର ହୋମ୍ ବ୍ଲକ ଅସ୍ତରଙ୍ଗ ତହସିଲ୍‌ରେ ଅତିରିକ୍ତ ତହସିଲ୍‌ଦାର ଭାବେ ନିଯୁକ୍ତ କରାଯିବାର ପ୍ରସ୍ତାବ ନୀତି ଉଲ୍ଲଂଘନ କାରଣରୁ ତାଙ୍କ ସମାନ ଦିନରେ ଯୋଗଦାନ କରି ପୁନଶ୍ଚ ଅନ୍ୟତ୍ର ଟ୍ରାନ୍ସଫର ହୋଇଥିଲେ। ବର୍ତ୍ତମାନର ବଦଳି ସେହି ସମସ୍ୟାର ପୁନରାବୃତ୍ତି ବୋଲି ଅଭିଯୋଗକାରୀ ଦର୍ଶାଇଛନ୍ତି। ଚଳିତ ମାସ ୯ ତାରିଖରେ ହାଇକୋର୍ଟ ମାମଲାର ଶୁଣାଣି କରିଥିଲେ। ରାଜ୍ୟ ସରକାରଙ୍କ ଓକିଲ ଜବାବ ରଖିବା ପାଇଁ ଦୁଇ ସପ୍ତାହ ସମୟ ମାଗିଥିଲେ। କୋର୍ଟ ପରବର୍ତ୍ତୀ ଶୁଣାଣି ଅସନ୍ତା ୨୩ ତାରିଖରେ କରିବାକୁ ଧାର୍ଯ୍ୟ କରିଛନ୍ତି।

## ୬୭୨ ଜଣ ଦେଲେ ନବୋଦୟ ପ୍ରବେଶିକା ପରୀକ୍ଷା

**କଣାସ, ୧୩।୧୨(ସମିସ):** ଶନିବାର ଜବାହାର ନବୋଦୟ ବିଦ୍ୟାଳୟରେ ପଢ଼ିବା ପାଇଁ ହେଉଥିବା ପ୍ରବେଶିକା ପରୀକ୍ଷା କଣାସ ବ୍ଲକରେ ଅନୁଷ୍ଠିତ ହୋଇଯାଇଛି। କଣାସ ସରକାରୀ ଉଚ୍ଚ ବିଦ୍ୟାଳୟ ଓ ମହନ୍ତ ବନମାଳୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଏହି ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ମୋଟ୍ ୨୮ ପଞ୍ଚାୟତର ୭୫୫ ଜଣ ଛାତ୍ରଛାତ୍ରୀ ଆବେଦନ କରିଥିବାବେଳେ ପରୀକ୍ଷାରେ ସରକାରୀ ଉଚ୍ଚ ବିଦ୍ୟାଳୟରେ ୪୪୬ ଜଣ ଓ ମହନ୍ତ ବାଳିକା ଉଚ୍ଚ ବିଦ୍ୟାଳୟରେ ୨୨୬ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ। ୮୩ ଜଣ ଛାତ୍ରଛାତ୍ରୀ ଅନୁପସ୍ଥିତ ଥିଲେ। ଏହି ପରୀକ୍ଷା ବ୍ଲକ ଶିକ୍ଷାଧିକାରୀ ରାମଚନ୍ଦ୍ର ବେହେରାଙ୍କ ତତ୍ତ୍ୱାବଧାନରେ ପରିଚାଳିତ ହୋଇଥିଲା।



### ୨୦ ବର୍ଷ ହେଲା ଅଙ୍ଗନବାଡ଼ି କେନ୍ଦ୍ରର ଗୃହ ନାହିଁ
## ହନ୍ତସନ୍ତ ହେଉଛନ୍ତି କୋମଳମତି ଶିଶୁ



**ସାକ୍ଷୀଗୋପାଳ, ୧୩।୧୨(ସମିସ):** ସତ୍ୟବାଦୀ ବ୍ଲକ ଅନ୍ତର୍ଗତ ମଧୁବନ ପଞ୍ଚାୟତର ବାଲିକୁଦ ଅଙ୍ଗନବାଡ଼ି କେନ୍ଦ୍ର ୨୦ ବର୍ଷ ତଳେ ଖୋଲିଥିଲା। ତେବେ ଅଦ୍ୟାବଧି ଏହି କେନ୍ଦ୍ର ନିମନ୍ତେ ଘରଟିଏ ନିର୍ମାଣ ହୋଇପାରୁନି। ବର୍ତ୍ତମାନ ୧୨ ବର୍ଷ ହେଲାଣି ଏହି ଅଙ୍ଗନବାଡ଼ି କେନ୍ଦ୍ର ସୁରୁଜିପୁର ଗ୍ରାମରେ ଚାଲୁଛି। ଏହି ଅଙ୍ଗନବାଡ଼ି କେନ୍ଦ୍ରରେ ବାଲିକୁଦ, ସୁରୁଜିପୁର ଓ ଅଳଗୁମ ପାଟଣାସାହିର ୨୫ ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି। ଏହି ଛାତ୍ରଛାତ୍ରୀମାନେ ସୁରୁଜିପୁର ଗ୍ରାମର ଆରାଧ୍ୟା ଠାକୁରାଣୀ ମା' ମଙ୍ଗଳା ମନ୍ଦିରର ବାରଣ୍ଡାରେ ଅଧ୍ୟୟନ କରୁଛନ୍ତି। ଠାକୁରାଣୀଙ୍କ ପର୍ବପର୍ବାଣୀ ଓ ପୂଜାର୍ଚ୍ଚନା ହେଲେ ଛାତ୍ରଛାତ୍ରୀମାନେ ଜନୈକ ବ୍ୟକ୍ତିଙ୍କ ବଗିଚାରେ ଅଧ୍ୟୟନ କରୁଛନ୍ତି।

ବାଲିକୁଦ ଅଙ୍ଗନବାଡ଼ି କେନ୍ଦ୍ର ନିର୍ମାଣ ନିମନ୍ତେ ୧୦ ଲକ୍ଷ ଟଙ୍କା ବ୍ୟୟ ବରାଦ ହୋଇଥିଲା। ମାତ୍ର ଅଙ୍ଗନବାଡ଼ି କେନ୍ଦ୍ର ନିର୍ମାଣ ନିମନ୍ତେ ଆବଶ୍ୟକ ଜମି ନ ମିଳିବାରୁ ଅନୁଦାନ ଅର୍ଥ ଫେରି ଯାଇଥିଲା। କୋମଳମତି ଶିଶୁମାନେ ଖରା, ବର୍ଷା ଓ ଶୀତ ସମୟରେ ହଇରାଣ ହେଉଛନ୍ତି। ଆସୁଥିବା ଶିକ୍ଷଣ ସାମଗ୍ରୀ ଓ ଖେଳ ସାମଗ୍ରୀ ଅଙ୍ଗନବାଡ଼ି କର୍ମୀଙ୍କ ତତ୍ତ୍ୱାବଧାନରେ ରହୁଛି। ସୁରୁଜିପୁର ୱାର୍ଡ ସଭ୍ୟ ନବୀନ ବରାଳଙ୍କ ଘରେ ଖାଦ୍ୟ ସାମଗ୍ରୀ ପ୍ରସ୍ତୁତ ହେଉଛି। ଏହି ଅଙ୍ଗନବାଡ଼ି କେନ୍ଦ୍ର ନିମନ୍ତେ ଆବଶ୍ୟକ ଜମି ଚିହ୍ନଟ କରି ଅଙ୍ଗନବାଡ଼ି କେନ୍ଦ୍ର ନିର୍ମାଣ ନିମନ୍ତେ ବାଲିକୁଦ, ସୁରୁଜିପୁର ଓ ଅଳଗୁମ ପାଟଣାସାହିର ଅଭିଭାବକ ଏବଂ ଗ୍ରାମବାସୀମାନେ ଦାବି କରିଛନ୍ତି।

## କ୍ଲଷ୍ଟରସ୍ତରୀୟ 'ଆସ ସ୍କୁଲ ଯିବା' ଶିକ୍ଷା ସଭା

**ନିମାପଡ଼ା, ୧୩।୧୨(ସମିସ):** ନିମାପଡ଼ା ବ୍ଲକ ଅନ୍ତର୍ଗତ ଧଳେଶ୍ୱର ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଆଞ୍ଚଳିକ ସାଧନ କେନ୍ଦ୍ରସ୍ତରୀୟ 'ଆସ ସ୍କୁଲ ଯିବା' ଶିକ୍ଷା ସଭା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଧଳେଶ୍ୱର କ୍ଲଷ୍ଟରର ସିଆର୍‌ସିସି ଅମୀୟ କୁମାର ସ୍ୱାଇଁଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟ ଅତିଥିଭାବେ ସ୍ଥାନୀୟ ସରପଞ୍ଚ ସଚ୍ଚିଦାନନ୍ଦ ରାଉତରାୟ, ସମିତିସଭ୍ୟା



ବେବିନା ଜେନା, ଅନ୍ଥୁଆର ପଞ୍ଚାୟତ ସମିତିସଭ୍ୟା ସବିତା ମଲ୍ଲିକଙ୍କ ସମେତ କ୍ଲଷ୍ଟର ଅନ୍ତର୍ଗତ ସମସ୍ତ ବିଦ୍ୟାଳୟର ପ୍ରଧାନଶିକ୍ଷକ, ପ୍ରଧାନଶିକ୍ଷୟିତ୍ରୀ ଏବଂ ଦୁଇଟି ପଞ୍ଚାୟତର ସମସ୍ତ ଓାର୍ଡ ସଭ୍ୟ/ସଭ୍ୟାଙ୍କ ସମେତ ସମସ୍ତ ଆଲୁମ୍‌ନି ଓ ଏସ୍‌ଏମ୍‌ସି ସଭାପତି ଏବଂ ସଦସ୍ୟ ଯୋଗଦେଇଥିଲେ। ବିଦ୍ୟାଳୟର ଶିକ୍ଷକ ନକୁଳ ଚନ୍ଦ୍ର ବେହେରା ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ସିଆର୍‌ସିସି ଶ୍ରୀ ସ୍ୱାଇଁ ସଭାର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ନହନ୍ତରା ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ହୃଷୀକେଶ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ।

## ୮ ବର୍ଷ ହେଲା ପାଣି ଟାଙ୍କିରେ ତାଲା

**ନୟାହାଟ, ୧୩।୧୨(ସମିସ):** ପ୍ରାୟ ୧ କୋଟି ଟଙ୍କା ବ୍ୟୟରେ 'ବସୁଧା' ଯୋଜନାରେ ନିର୍ମାଣ ହୋଇଥିବା ପାଣି ଟାଙ୍କି କାର୍ଯ୍ୟକ୍ଷମ ନ ହୋଇ ୮ବର୍ଷ ହେଲା ଅଚଳ ହୋଇ ପଡ଼ିଥିବାବେଳେ ଫାଟକରେ ତାଲା ଝୁଲୁଛି। କୋଟି କୋଟି ଟଙ୍କା ବ୍ୟୟରେ ନିର୍ମିତ ଉକ୍ତ ପ୍ରକଳ୍ପ ଜନସାଧାରଣଙ୍କ ହିତରେ ଆସୁ ନ ଥିବାବେଳେ ପାନୀୟଜଳ ପାଇଁ ହନ୍ତସନ୍ତ ହେଉଥିବା ଦୁର୍ଗାପୁର ଗ୍ରାମବାସୀମାନେ ଅଭିଯୋଗ କରିଛନ୍ତି।

**ଜଳ ଯୋଗାଣ ବନ୍ଦ, ପାଚେରିରେ ଫାଟ**

ପ୍ରକାଶ ଯେ, ନୟାହାଟ ଫାଣ୍ଡି ଅନ୍ତର୍ଗତ ଶୋରଭା ପଞ୍ଚାୟତର ଦୁର୍ଗାପୁରଠାରେ ଦୀର୍ଘ ୮ ବର୍ଷ ତଳେ ଏକ ପାଣି ଟାଙ୍କି ନିର୍ମାଣ କରାଯାଇ ତା'ର ସମସ୍ତ କାର୍ଯ୍ୟ ସରିଥିଲା। ପାଣି ଟାଙ୍କି ପାଖରେ ବିଦ୍ୟୁତ୍ ଖୁଣ୍ଟ ପୋତା ହୋଇ ଟ୍ରାନ୍ସଫର୍ମର ବସିଥିଲେ ମଧ୍ୟ ଆଦ୍ୟାବଧି ବିଦ୍ୟୁତ୍ ସଂଯୋଗ ହୋଇ ନ ଥିବାରୁ ମୁରୁଡ଼ା, ଦୁର୍ଗାପୁର,



ପାଇକସାହି, ମହାନ୍ତିସାହି ପିଇବା ପାଣିରୁ ବଞ୍ଚିତ ହେଉଛନ୍ତି। ନିମ୍ନମାନର କାମ ଓ ରକ୍ଷଣାବେକ୍ଷଣ ଅଭାବରୁ ନିର୍ମାଣାଧୀନ ପାଚେରି ଫାଟିଗଲାଣି। ଟାଙ୍କିରୁ କଳର ଛାଡ଼ିଯିବା ସହ ଲୁହା ଫାଟକରେ କଳଙ୍କି ଲାଗି ନଷ୍ଟ ହେବାକୁ ବସିଲାଣି। ପାଣି ଟାଙ୍କି ଭିତର ଜଙ୍ଗଲ ହୋଇ ପଡ଼ିଥିବା ସହ ଏଠାରେ ବିଷଧର ସାପ ରହିଲେଣି। ଏ ଦିଗରେ ପ୍ରଶାସନ ଦୃଷ୍ଟି ଦେଇ ପାଣି ଟାଙ୍କିକୁ ତୁରନ୍ତ କାର୍ଯ୍ୟକ୍ଷମ କରିବା ପାଇଁ ସୋରଭା ସରପଞ୍ଚ କିଶୋର ଚନ୍ଦ୍ର ସେଠୀ ଦାବି କରିଛନ୍ତି।

### ମହା କ୍ଷୀରସାଗର ମେଳା
## ୫ହଜାର ଲିଟର କ୍ଷୀରରେ ସ୍ନାନକଲେ ବାବା ଦକ୍ଷିଣେଶ୍ୱର

**ଗୋପ, ୧୩।୧୨(ସମିସ):** ଶନିବାର ଗୋପ ବ୍ଲକ ଅଧୀନ ବେଗୁନିଆ ଗ୍ରାମ ନିକଟରେ ଥିବା ପ୍ରସିଦ୍ଧ ଶୈବପୀଠ ବାବା ଦକ୍ଷିଣେଶ୍ୱରଙ୍କ ପୀଠରେ ମହା କ୍ଷୀର ସାଗର ମେଳା ମହାସମାରୋହରେ ପାରମ୍ପରିକ



ରୀତିନୀତିରେ ଅନୁଷ୍ଠିତ ହୋଇଯାଇଛି। ଏହି ମେଳାରେ ହଜାର ହଜାର ଭକ୍ତଙ୍କ ସମାଗମ ହୋଇଥିବାବେଳେ ୫ହଜାର ଲିଟର କ୍ଷୀରରେ ବାବା ଦକ୍ଷିଣେଶ୍ୱରଙ୍କୁ ସ୍ନାନ କରାଯାଇଛି। ପ୍ରକାଶ ଯେ, କୁଶଭଦ୍ରା ନଦୀ ତଟରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପରମ ଭକ୍ତ ବଳରାମ ଦାସଙ୍କ ସମାଧିପୀଠ ନିକଟସ୍ଥ ବାବା ଦକ୍ଷିଣେଶ୍ୱର ମନ୍ଦିର ଅବସ୍ଥିତ। ମନ୍ଦିରରେ ପ୍ରତିବର୍ଷ ଭଳି ଏ ବର୍ଷ ମଧ୍ୟ ମହା କ୍ଷୀର ସାଗର ମେଳା ଅନୁଷ୍ଠିତ ହୋଇଯାଇଛି। ଶନିବାର ପ୍ରତ୍ୟୁଷରୁ ଠାକୁରଙ୍କୁ ସ୍ନାନ, ଧୂପ, ଦୀପ, ନୈବେଦ୍ୟ ପରେ ଖେଚୁଡ଼ି ଭୋଗ କରାଯାଇ ଭକ୍ତମାନଙ୍କ ଦର୍ଶନ ପାଇଁ ସାହାଣମେଳା କରାଯାଇଥିଲା। ପରେ ବିଶିଷ୍ଟ ପଣ୍ଡିତମାନଙ୍କ ଦ୍ୱାରା ହୋମଯଜ୍ଞ ସମ୍ପୂର୍ଣ୍ଣ ହେବା ପରେ ପୂର୍ବାହ୍ଣ ୧୧ଟାରେ କ୍ଷୀରଲାଗି ଆରମ୍ଭ କରାଯାଇଥିଲା। କ୍ଷୀରଲାଗି ସମୟରେ ଭକ୍ତମାନଙ୍କ ହରିବୋଲ, ହୁଳହୁଳି, ଘଣ୍ଟଘଣ୍ଟା, ଶଙ୍ଖ, ମର୍ଦ୍ଦଳ ଧ୍ୱନିରେ ପୀଠ ପ୍ରକମ୍ପିତ ହୋଇଉଠିଥିଲା। କ୍ଷୀରଲାଗି ପରେ ଭକ୍ତମାନେ ଆଣିଥିବା କ୍ଷୀରରୁ ଖିରି ଭୋଗ ପ୍ରସ୍ତୁତ କରାଯାଇ ପ୍ରସାଦ ରୂପେ ବଣ୍ଟନ କରାଯାଇଥିଲା। ସେହିପରି ଯାଦବମାନଙ୍କ ଦ୍ୱାରା ଲଉଡ଼ି ଖେଳ, ଓଗାଳ ଓ ଭଜନ ସମାରୋହ ଅନୁଷ୍ଠିତ ହୋଇଥିଲା। ଆଞ୍ଚଳିକ ଦୁଗ୍ଧ ବ୍ୟବସାୟୀ ସଂଘ, ମନ୍ଦିର ପରିଚାଳନା କମିଟି ଓ ଶାନ୍ତି କମିଟି ତତ୍ତ୍ୱାବଧାନରେ ଆୟୋଜିତ ଏହି ମେଳାରେ ୧୦ ହଜାରରୁ ଉର୍ଦ୍ଧ୍ୱ ଭକ୍ତ ଶ୍ରଦ୍ଧାଳୁଙ୍କ ସମାଗମ ଦେଖିବାକୁ ମିଳିଥିଲା। ପୂଜକ ଭାବେ ଗୋବିନ୍ଦ ଚନ୍ଦ୍ର ପାଢ଼ୀ, ଗୋପାଳ କୃଷ୍ଣ ପାଢ଼ୀ, ରବୀନ୍ଦ୍ର ପାଢ଼ୀ, ନିରାକାର ପଣ୍ଡା, ଜିତୁ ପଣ୍ଡା ପ୍ରମୁଖ ପୂଜା କାର୍ଯ୍ୟ ସମ୍ପାଦନ କରିଥିଲେ।

## ଶିକ୍ଷା ସଚେତନତା କାର୍ଯ୍ୟକ୍ରମ

**କଷ୍ଣପ୍ରସାଦ, ୧୩।୧୨(ସମିସ):** ପୁରୀ ଜିଲ୍ଲା କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ସିଆଣ୍ଡି ପଞ୍ଚାୟତର ସାନସୀମା ନୋଡାଲ ଉଚ୍ଚ ନ୍ୟାୟାଳୟ ପରିସରରେ ବଟେଶ୍ୱର ନୋଡାଲ କ୍ଲଷ୍ଟର ତରଫରୁ ଶିକ୍ଷା ସଭା ଅନୁଷ୍ଠିତ ହୋଇଯାଇଛି। ସିଆର୍‌ସିସି ବିଦ୍ୟାଧର ଜେନାଙ୍କ ନେତୃତ୍ୱରେ ଏବଂ ସାନସୀମା ବିଦ୍ୟାଳୟର ପ୍ରଧାନଶିକ୍ଷକ ରାଜ କିଶୋର ତରେଇଙ୍କ ସଭାପତିତ୍ୱରେ ଏକ ସଭାର ଆୟୋଜନ କରାଯାଇଥିଲା। ସମସ୍ତ ସ୍କୁଲର ପ୍ରଧାନଶିକ୍ଷକମାନେ ଯୋଗଦେଇ ୬ରୁ ୧୮ ବର୍ଷ ପର୍ଯ୍ୟନ୍ତ ଅଧାରୁ ପାଠ ଛାଡ଼ିଥିବା, ଆଦୌ ନାମ ଲେଖାଇ ନ ଥିବା ଏବଂ ବିଦ୍ୟାଳୟ ବାହାରେ ଥିବା ପିଲାଙ୍କୁ ସାକ୍ଷରତା ଓ କର୍ମକୁଶଳତା ପାଇଁ ସଚେତନ କରିବାକୁ ବାର୍ତ୍ତା ଦେଇଥିଲେ। ଏଥିରେ ସ୍କୁଲ ସଭାପତି ପ୍ରଫୁଲ୍ଲ କୁମାର ତରେଇ, ପ୍ରଭାତ କୁମାର ଜେନା, ଓରାର ସମସ୍ତ ଏସ୍‌ଏଚ୍‌ଜି ସଭ୍ୟାଙ୍କ ସମେତ ଶିକ୍ଷକ ବିଚିତ୍ରାନନ୍ଦ ତରେଇ, ପୁଷ୍ପାଞ୍ଜଳି କର, ରାଜେନ୍ଦ୍ର ପ୍ରସାଦ ନାୟକ, ସୁଦର୍ଶନ ବାରିକି, ପ୍ରସନ୍ନଜିତ୍ ଜେନା, ଚୈତନ୍ୟ ସେଠୀ, ଦୀପକ କୁମାର ଜାଲି, ସୁଜ୍ଞାନୀ ଦାଶ ପ୍ରମୁଖ ଯୋଗଦେଇଥିଲେ। ସହକାରୀ ଶିକ୍ଷକ ଶଙ୍କର୍ଷଣ ଦାଶ ମଞ୍ଚ ପରିଚାଳନା କରିଥିଲେ।

### ମଙ୍ଗଳା ମହାବିଦ୍ୟାଳୟ ଛାତ୍ରାବାସ ନିର୍ମାଣରେ ଅନିୟମିତତା
## ୩ ବର୍ଷ ନ ପୂରୁଣୁ ଛାଡ଼ିଲାଣି ସିମେଣ୍ଟ ଛେଲ; ଭିଜିଲାନ୍ସ ତଦନ୍ତ ଦାବି

**ଗମ୍ଭାରୀପଦା, ୧୩।୧୨(ସମିସ)**

ପୁରୀ ଜିଲ୍ଲା କାକଟପୁରଠାରେ ୧୯୭୮ରେ ମଙ୍ଗଳା ମହାବିଦ୍ୟାଳୟ ପ୍ରତିଷ୍ଠା ଲାଭ କରିଥିଲା। ଏହି ମହାବିଦ୍ୟାଳୟର ଅଧ୍ୟୟନ ଶୈଳୀ ଓ ପାଠପଢ଼ାରେ ଅନୁକୂଳ ପରିବେଶ ପାଇଁ ଜିଲ୍ଲା ତଥା ଜିଲ୍ଲା ବାହାରୁ ବହୁ ଛାତ୍ରଛାତ୍ରୀ ଆସି ଏଠାରେ ଅଧ୍ୟୟନ କରୁଥିଲେ। ବହୁ ଛାତ୍ରଛାତ୍ରୀ ହଷ୍ଟେଲରେ ରହୁଥିଲେ। ମହାବିଦ୍ୟାଳୟରେ ଉଲ୍ଲେଖନୀୟ ଅଧ୍ୟାପନା, ଶୃଙ୍ଖଳିତ ପରୀକ୍ଷା ପରିଚାଳନା ଓ ସାଂସ୍କୃତିକ ଜାଗରଣ ପ୍ରଭୃତି କ୍ଷେତ୍ରରେ ମହାବିଦ୍ୟାଳୟର ବେଶ୍ ସୁନାମ ଥିଲା। କିନ୍ତୁ ଗତ ଏକ ଦଶନ୍ଧିରୁ ଊର୍ଦ୍ଧ୍ୱ ଏହି ମହାବିଦ୍ୟାଳୟରେ ପରିଚାଳନାଗତ ତ୍ରୁଟି, ଅଧ୍ୟକ୍ଷମାନଙ୍କ ତ୍ରୁଟିପୂର୍ଣ୍ଣ କାର୍ଯ୍ୟଶୈଳୀ, ଅଧ୍ୟାପକମାନଙ୍କ ବେସରକାରୀ କୋଚିଂ ବ୍ୟବସାୟ, ବିପର୍ଯ୍ୟସ୍ତ ଶିକ୍ଷାଦାନ ଫଳରେ ଶିକ୍ଷାର୍ଥୀଙ୍କ ସଂଖ୍ୟାରେ ଅବନତି ଘଟିଛି। ଫଳରେ କଲେଜ ପରିସର ଲଭର୍ସ ପଏଣ୍ଟରେ ପରିଣତ ହୋଇ କଲେଜ କାନ୍ଥବାଡ଼ ଅଶ୍ଳୀଳ ଭାଷାରେ ପରିପୂର୍ଣ୍ଣ ହୋଇଥିବା ସାଧାରଣରେ ଚର୍ଚ୍ଚା ହେଉଛି। ଉକ୍ତ କଲେଜ ହଷ୍ଟେଲ ଗୃହ ନିର୍ମାଣ କାର୍ଯ୍ୟରେ ଅନିୟମିତତା ତଥା ନିମ୍ନମାନର ସାମଗ୍ରୀ ବ୍ୟବହାର ସାଙ୍ଗକୁ ବ୍ୟାପକ ସରକାରୀ ଅନୁଦାନ ଅର୍ଥ ହରିଲୁଟ୍ କରାଯାଇଥିବା ଅଭିଯୋଗ ହେଉଛି। ତେଣୁ ଛାତ୍ରାବାସ ନିର୍ମାଣ କାର୍ଯ୍ୟ ୩ ବର୍ଷ ନ ପୂରୁଣୁ ଏବେ ପ୍ଲାଷ୍ଟରରୁ ସିମେଣ୍ଟ ଛେଲ ଛାଡୁଥିବାବେଳେ ରୋଷଘରୁ ପାଣି ନିଷ୍କାସନ ହୋଇପାରୁ ନାହିଁ।

କେତକୀ ଛାତ୍ରାବାସର ଆଜବେଷ୍ଟସ ଗୃହ ରହିବା ପାଇଁ ସମ୍ପୂର୍ଣ୍ଣ ଅନୁପଯୋଗୀ ହୋଇପଡ଼ିବାରୁ ୨୦୨୧-୨୨ରେ ବିଶ୍ୱ ବ୍ୟାଙ୍କର ଅନୁଦାନ ଅର୍ଥରେ ୭ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟ ବରାଦରେ କେତକୀ ଛାତ୍ରାବାସ ପାଇଁ ୩୦ ଶଯ୍ୟା ବିଶିଷ୍ଟ ୨ ମହଲା କୋଠା ଓ କଲେଜର ଆଡ୍‌ମିନିଷ୍ଟ୍ରେଟିଭ୍ ଗୃହ ଏକ ସମୟରେ ନିର୍ମାଣ ହୋଇଥିଲା। ଏହି ୨ଟି ପ୍ରକଳ୍ପ କାର୍ଯ୍ୟ ତତ୍କାଳୀନ କଲେଜ ଅଧ୍ୟକ୍ଷ ଓ କଲେଜର ବିଶ୍ୱ ବ୍ୟାଙ୍କ କୋ-ଅର୍ଡିନେଟ୍ ଦାୟିତ୍ୱରେ ଥିବା ଜନୈକ ଅଧ୍ୟାପକଙ୍କ ତତ୍ତ୍ୱାବଧାନରେ ହଷ୍ଟେଲ ନିର୍ମାଣ ହୋଇଥିଲା। ଏମିତିକି କଲେଜ ପରିସରରୁ ସେ ସମୟରେ ଲକ୍ଷ ଲକ୍ଷ ଟଙ୍କାର ମାଟି ତାଡ଼ି ଆଣି ହଷ୍ଟେଲ ଖାଲକୁ ପୋତାଯାଇଥିଲେ ମଧ୍ୟ ବାହାରୁ ମାଟି କିଣାଯାଇଛି ବୋଲି ଲକ୍ଷ ଲକ୍ଷ ଟଙ୍କାର ବିଲ୍ ହୋଇଥିବା ଅଭିଯୋଗ ହେଉଛି। ହଷ୍ଟେଲ ଗୃହ ନିର୍ମାଣ କାର୍ଯ୍ୟରେ ନିମ୍ନମାନର ସାମଗ୍ରୀ ବ୍ୟବହାର ସାଙ୍ଗକୁ ବ୍ୟାପକ ସରକାରୀ ଅନୁଦାନ ଅର୍ଥ ହରିଲୁଟ୍ କରାଯାଇଥିବା ଅଭିଯୋଗ ହେଉଛି। ତେଣୁ ଛାତ୍ରାବାସ ନିର୍ମାଣ କାର୍ଯ୍ୟ ୩ ବର୍ଷ ନ ପୂରୁଣୁ ଏବେ ପ୍ଲାଷ୍ଟରରୁ ସିମେଣ୍ଟ ଛେଲ ଛାଡୁଥିବାବେଳେ ଛାତ୍ରାବାସର ରୋଷଘରୁ ପାଣି ନିଷ୍କାସନ ହୋଇପାରୁ ନାହିଁ। ହଷ୍ଟେଲର ପାଇଖାନା ଓ ଗାଧୁଆ ଘରୁ ପାଣି ଗଳୁଛି। ପାଣି ଟାଙ୍କି ଓ ଆକ୍ୱାଗାର୍ଡରେ ପୋକ ସାଲୁବାଲୁ। କାନ୍ଥରେ ଲାଗିଥିବା ଟାଇଲ୍ ସବୁ ଆପଣାଛାଏଁ ଗଳି ପଡୁଥିବାବେଳେ ଚଟାଣରୁ ଟାଇଲ୍ ସବୁ ଉଠିଗଲାଣି। ଏମିତିକି ହଷ୍ଟେଲ ପାଇଁ କିଣାଯାଇଥିବା ଆସବାବପତ୍ର କିଣାରେ ବ୍ୟାପକ ଅର୍ଥ ହରିଲୁଟ୍ କରାଯାଇଥିବା ବିଭିନ୍ନ ମହଲରେ ଅଭିଯୋଗ ହେଉଛି। ସେହିଭଳି ଏହି ହଷ୍ଟେଲ ନିର୍ମାଣ ସମୟରେ ନିର୍ମାଣ ହୋଇଥିବା ଆଡ୍‌ମିନିଷ୍ଟ୍ରେଟିଭ୍ ଗୃହର ଦୁରବସ୍ଥା କହିଲେ ନସରେ। ଚଟାଣରେ ପଡ଼ିଥିବା କଡ଼ପା ସବୁ ଉଠିଗଲାଣି। ତେବେ କେତକୀ ଛାତ୍ରାବାସର ଏଭଳି ଶୋଚନୀୟ ଅବସ୍ଥା ସମ୍ପର୍କରେ କଲେଜର ସଭାପତି ତଥା ପୁରୀ ଉପଜିଲ୍ଲାପାଳ ନିଜେ ଛାତ୍ରାବାସ ବୁଲି ଦେଖିବା ସହ ହଷ୍ଟେଲର ପାରିପାର୍ଶ୍ୱିକ ଅବସ୍ଥାର ଭିଡିଓ କ୍ଲିପ୍ ନେଇଥିଲେ। ତେବେ ଏହି ହଷ୍ଟେଲକୁ ତୁରନ୍ତ ଅନ୍‌ସେଫ୍ ଗୃହ ଘୋଷଣା କରିବାକୁ ଅଭିଭାବକ ମହଲରେ ଦୃଢ଼ ଦାବି ହେବା ସହ ହଷ୍ଟେଲ ଓ ଆଡ୍‌ମିନିଷ୍ଟ୍ରେଟିଭ୍ ଗୃହ ନିର୍ମାଣ କାର୍ଯ୍ୟର ଭିଜିଲାନ୍ସ ତଦନ୍ତ ଦାବି କରିଛନ୍ତି।

ଓଁ
ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି



ସ୍ୱ ନଳିନୀ ପ୍ରଭା ପ୍ରଧାନ

ଆର୍ବିଭାବ: ୦୨.୦୭.୧୯୬୪
ତିରୋଧାନ: ୨୫.୧୨.୨୦୨୪
ସଦାନନ୍ଦ ବିହାର, ପଞ୍ଚମ ଲେନ, ଗୋସାଇଁ ନୂଆଗାଁ, ବ୍ରହ୍ମପୁର

ମାଆ, ତୁମେ ଇହଲିଳା ସମ୍ବରଣ କରିବାର ଏ ଭିତରେ ଗୋଟିଏ ବର୍ଷ ବିତିଗଲାଣି । ସବୁ ଦିନେ ତମର ଅନୁପସ୍ଥିତି ଅନୁଭବ କରୁଅଛୁ ।ତମର ସେହି ହସ ହସ ମୁହଁ ମନେ ପଡୁଛି । ତୁମର ଅମର ଆତ୍ମାର ସଦଗତି ନିମନ୍ତେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା

-: ଶୋକସନ୍ତପ୍ତ :-
ପ୍ରଧାନ ପରିବାର, ବନ୍ଧୁବର୍ଗ

# ଶ୍ରୀକ୍ଷେତ୍ର ସିଟି

୧୩/୧୨/୨୦୨୫ (ଶନିବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ
ଟ. ୭,୪୧,୦୪୨/- ସୁନା: ୦୪.୩୮୦ ଗ୍ରାମ୍ ରୁପା: ୯୫.୩୮୦ ଗ୍ରାମ୍



## ରାଜ୍ୟସ୍ତରୀୟ ଶିଶୁ ମହୋତ୍ସବ ଉଦ୍‌ଘାଟିତ

# ‘ଶିଶୁମାନେ ହେଉଛନ୍ତି ଭଗବାନଙ୍କ ସୁନ୍ଦର ସୃଷ୍ଟି’







**ପୁରୀ,୧୩।୧୨(ସମିସ):** ଶରଧାବାଲି ମୁକ୍ତାକାଶ ରଙ୍ଗମଞ୍ଚରେ ‘ଶିଶୁ ମହୋତ୍ସବ ଟ୍ରଷ୍ଟ’ ଆନୁକୂଲ୍ୟରେ ଶନିବାର ସନ୍ଧ୍ୟାରେ ଏକବିଂଶତମ ରାଜ୍ୟସ୍ତରୀୟ ଶିଶୁ ମହୋତ୍ସବ-୨୦୨୫ ଉଦ୍‌ଘାଟିତ ହୋଇଯାଇଛି। ଟ୍ରଷ୍ଟ ସଭାପତି ସଦାଶିବ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ରାଜ୍ୟସଭା ସାଂସଦ ଶୁଭାଶିଷ୍ ଖୁଣ୍ଟିଆ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ପାରଳାଖେମୁଣ୍ଡି ବିଧାୟକ ଇଂ. ରୁପେଶ ପାଣିଗ୍ରାହୀ, ପୁରୀ-ନିମାପଡ଼ା କେନ୍ଦ୍ର ସମବାୟ ବ୍ୟାଙ୍କର ସଭାପତି କିଶୋର ଛୋଟରାୟ, ଦୈନିକ ଖବରକାଗଜ ‘ସକାଳ’ର ପ୍ରକାଶକ ଅମିତ୍ କୁମାର ମଲ୍ଲିକ, ଅତିରିକ୍ତ ଭେଷଜ ଅଧୀକ୍ଷକ ରୁଦ୍ର ନାରାୟଣ ସାହୁ ପ୍ରମୁଖ ଯୋଗଦେଇ ଶିଶୁ ପ୍ରତିଭାମାନଙ୍କର ପ୍ରତିଭା ପ୍ରଦର୍ଶନକୁ ଭୂୟସୀ ପ୍ରଶଂସା କରିଥିଲେ। କଥାରେ ଅଛି ଶିଶୁ ହସିଲେ ଦୁନିଆ ହସେ। ଶିଶୁମାନଙ୍କ ଭିତରେ ଥିବା ଅନ୍ତର୍ନିହିତ ପ୍ରତିଭାର ଯେତେ ଅଧିକ ବିକାଶ ହେବ ସମାଜ ସେତେ ସମୃଦ୍ଧ ହେବ। ଶିଶୁମାନେ ହେଉଛନ୍ତି ଭଗବାନଙ୍କ ସୁନ୍ଦର ସୃଷ୍ଟି। ସେମାନେ ହିଁ ଏ ଦେଶର ଭବିଷ୍ୟତ। ଶିଶୁ ମହୋତ୍ସବ ଟ୍ରଷ୍ଟର ଆୟୋଜିତ ରାଜ୍ୟସ୍ତରୀୟ ଶିଶୁ ମହୋତ୍ସବ ଅଭିନବ ଓ ସ୍ୱାଗତଯୋଗ୍ୟ ପଦକ୍ଷେପ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଆବାହକ ସୁଧାଂଶୁ ଭୂଷଣ ରଥ ସ୍ୱାଗତଭାଷଣ ଏବଂ ସମ୍ପାଦକ ଶଙ୍ଖମିତ୍ର ସିଂହାରୀ ବାର୍ଷିକ ବିବରଣୀ ଉପସ୍ଥାପନ କରିଥିଲେ। ଏହି ଅବସରରେ ଅନୁଷ୍ଠାନର ମୁଖପତ୍ର ‘ଶିଶୁ ପ୍ରତିଭା’ ଉନ୍ମୋଚନ ହେବା ସହିତ ବାଦ୍ୟଗୁରୁ ପ୍ରମୋଦ କୁମାର ନାୟକ, ନୃତ୍ୟଗୁରୁ ଡ. ସୋନାଲି ସାବତ ଏବଂ ଶିଶୁ ଓଡ଼ିଶୀ ନୃତ୍ୟଶିଳ୍ପୀ ସୁଶ୍ରୀ ଦଳବେହେରା, ପୂର୍ବୀ ସ୍ଥିତପ୍ରଜ୍ଞାଙ୍କୁ ମାନପତ୍ର ପ୍ରଦାନ ପୂର୍ବକ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ଲୋକସମ୍ପର୍କ ସମ୍ପାଦକ ଶ୍ୟାମ ପ୍ରକାଶ ସେନାପତି ସଞ୍ଚାଳନ କରିଥିବାବେଳେ ଉପଦେଷ୍ଟା ଭଗବାନ ସୁଆର ମଞ୍ଚାସୀନ ଥିଲେ। କୋଷାଧ୍ୟକ୍ଷ ପ୍ରଶାନ୍ତ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

ସଭା ପୂର୍ବରୁ ଶିଶୁଶିଳ୍ପୀମାନଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ କରାଯାଇ ତବଲା ବାଦନ, ସଙ୍ଗୀତ, ଓଡ଼ିଶୀ ନୃତ୍ୟ, ସମ୍ବଲପୁରୀ ନୃତ୍ୟ ଆଦି ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ଉପାଧ୍ୟକ୍ଷ ମନୋଜ କୁମାର ମହାପାତ୍ର ଓ ସ୍ନିଗ୍ଧା ଭଟ୍ଟାଚାର୍ଯ୍ୟ, ସାଂସ୍କୃତିକ ସମ୍ପାଦକ ଅମରେଶ୍ୱର ମହାପାତ୍ର, ସୁକାନ୍ତ କୁମାର ପଣ୍ଡା, ପ୍ରବୀର ଶତପଥୀ, ପ୍ରଭାକର ସାହୁ, ଜିତେନ୍ଦ୍ର କୁମାର ମିଶ୍ର, ସୋନାଲି ମଧୁସ୍ମିତା ମହାନ୍ତି, ଅନ୍ନପୂର୍ଣ୍ଣା ଦେବୀ ପ୍ରମୁଖ ସହଯୋଗ କରିଥିଲେ। ଦୁଇଦିନିଆ ମହୋତ୍ସବରେ ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ୩୫୦ ଶିଶୁ କଳାକାର ଯୋଗଦେଇଛନ୍ତି।

## ୨୧ରେ ଶ୍ରୀଜଗନ୍ନାଥ ଚେତନା ଗବେଷଣା ପ୍ରତିଷ୍ଠାନର ବାର୍ଷିକ ଉତ୍ସବ

**ପୁରୀ,୧୩।୧୨(ସମିସ):** ଶ୍ରୀଜଗନ୍ନାଥ ଚେତନା ଗବେଷଣା ପ୍ରତିଷ୍ଠାନ ପୁରୀର ଚତୁର୍ଦ୍ଦଶ ବାର୍ଷିକ ଉତ୍ସବ ଆସନ୍ତା ୨୧ ତାରିଖରେ ହୋଟେଲ ହଲିଡେ’ ରିସର୍ଟରେ ଅନୁଷ୍ଠିତ ହେବ। ଏଥିରେ ଗଜପତି ମହାରାଜା ଦିବ୍ୟସିଂହ ଦେବ ଉଦ୍‌ଘାଟକ ଭାବେ ଯୋଗଦେବେ। ଏହି ଅବସରରେ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ ଧର୍ମଶାସ୍ତ୍ର ବିଭାଗ ଅଧ୍ୟକ୍ଷ ପ୍ରଫେସର ବ୍ରଜକିଶୋର ସ୍ୱାଇଁଙ୍କୁ ଜାତୀୟସ୍ତରୀୟ ଶ୍ରୀଜଗନ୍ନାଥ ଚେତନା ପ୍ରତିଭା ସମ୍ମାନ, ବିଶିଷ୍ଟ ଲେଖକ ପ୍ରାବନ୍ଧିକ ଗବେଷକ ଡ. ଉମେଶ ଚନ୍ଦ୍ର ଚିହ୍ନରାଙ୍କୁ ଜାତୀୟସ୍ତରୀୟ ଶ୍ରୀଜଗନ୍ନାଥ ଚେତନା ଗବେଷକ ସମ୍ମାନ, ଓଡ଼ିଶାର ପ୍ରଥିତଯଶା କଥାବାଚକ ଶ୍ରୀଜଗନ୍ନାଥ ଚେତନାର ଅନନ୍ୟ ପ୍ରଚାରକ ଡା. ଆଶୁତୋଷ ପ୍ରସାଦ ମିଶ୍ରଙ୍କୁ ଜାତୀୟସ୍ତରୀୟ ଶ୍ରୀଜଗନ୍ନାଥ ଚେତନା ପ୍ରଚାରକ ସମ୍ମାନ, ଶ୍ରୀଜଗନ୍ନାଥ ମନ୍ଦିର କଳମପୁର କଳାହାଣ୍ଡି ଓ ଶ୍ରୀଜଗନ୍ନାଥ ମନ୍ଦିର ବିଶାଖାପାଟଣାଙ୍କୁ ଜାତୀୟସ୍ତରୀୟ ଶ୍ରୀଜଗନ୍ନାଥ ଚେତନା ସଂଗଠକ ସମ୍ମାନ ପ୍ରଦାନ କରାଯିବ। ଏହି ଅବସରରେ ଶ୍ରୀଜଗନ୍ନାଥଙ୍କର ୫ଜଣ ସେବକ ଓ ସେବକ ପରିବାରର ସଦସ୍ୟଙ୍କୁ ଚିକିତ୍ସା ସହାୟତା ପ୍ରଦାନ କରାଯିବ। ଏହି ଉତ୍ସବରେ ପ୍ରତିଷ୍ଠାନର ମୁଖପତ୍ର ‘ଶ୍ରୀଜଗନ୍ନାଥ ଚେତନା’ ଲୋକାର୍ପିତ ହେବ। ପ୍ରତିଷ୍ଠାନର ବାର୍ଷିକ ଉତ୍ସବରେ ଓଡ଼ିଶା ଓ ଭାରତ ବର୍ଷର ବିଭିନ୍ନ ରାଜ୍ୟର ଶତାଧିକ ସଦସ୍ୟସଦସ୍ୟା ଯୋଗଦେବେ ବୋଲି ମହାସଚିବ ଡ. ନରେଶ ଚନ୍ଦ୍ର ଦାଶ ଜଣାଇଛନ୍ତି।

- ପ୍ରଫେସର ବ୍ରଜକିଶୋର ସ୍ୱାଇଁଙ୍କୁ ଶ୍ରୀଜଗନ୍ନାଥ ଚେତନା ପ୍ରତିଭା ସମ୍ମାନ
- ଡ. ଉମେଶ ଚନ୍ଦ୍ର ଚିହ୍ନରାଙ୍କୁ ଶ୍ରୀଜଗନ୍ନାଥ ଚେତନା ଗବେଷକ ସମ୍ମାନ
- ଡା. ଆଶୁତୋଷ ପ୍ରସାଦ ମିଶ୍ରଙ୍କୁ ଶ୍ରୀଜଗନ୍ନାଥ ଚେତନା ପ୍ରଚାରକ ସମ୍ମାନ

## ରାଷ୍ଟ୍ରୀୟ ସଂଗୋଷ୍ଠୀ ଉଦ୍‌ଯାପିତ

**ପୁରୀ,୧୩।୧୨(ସମିସ):** ଅରୋଜ୍ୟୋତି ଟ୍ରଷ୍ଟ ପୁରୀ, କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ଶ୍ରୀସଦାଶିବ ପରିସରର ମିଳିତ ଆନୁକୂଲ୍ୟରେ ବେଦ ରହସ୍ୟ ଶୀର୍ଷକ ଦ୍ୱିଦିବସୀୟ ରାଷ୍ଟ୍ରୀୟ ସଂଗୋଷ୍ଠୀ ଶନିବାର ପରିସରର ନିର୍ଦ୍ଦେଶକ ଜ୍ୟୋତିର୍ବିଦ୍ ପ୍ରଫେସର ପ୍ରଭାତ କୁମାର ମହାପାତ୍ରଙ୍କ ସଭାପତିତ୍ୱରେ ଉଦ୍‌ଯାପିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଅଧ୍ୟାପକ ଡ. ଜ୍ଞାନେଶ ଉପାଧ୍ୟାୟ ପ୍ରାରମ୍ଭିକ ବେଦପାଠ କରିଥିବାବେଳେ ସ୍ୱାଗତ ଭାଷଣ ଦେଇଥିଲେ ଅରୋଜ୍ୟୋତି ଟ୍ରଷ୍ଟ ପୁରୀର ମୁଖ୍ୟ ଡ. ବିପିନାନନ୍ଦ ମିଶ୍ର। ମୁଖ୍ୟବକ୍ତା ଭାବରେ ଯୋଗଦେଇଥିଲେ ଆନ୍ତଃରାଷ୍ଟ୍ରୀୟ ଶିକ୍ଷଣ ସଂସ୍ଥାନ ପଣ୍ଡିଚେରୀର ପ୍ରଫେସର ମଧୁସୂଦନ ମହାପାତ୍ର। କାର୍ଯ୍ୟକ୍ରମରେ ବିବିଧ ପ୍ରାନ୍ତରୁ ଶତାଧିକ ଆଲୋଚକ ଅଂଶଗ୍ରହଣ କରି ବେଦ ରହସ୍ୟ ସଂକ୍ରାନ୍ତରେ ଚର୍ଚ୍ଚା କରିଥିଲେ। କାର୍ଯ୍ୟକ୍ରମର ସହସଂଯୋଜକ ଡ. ବେଣୁଧର ଦାଶ ମଞ୍ଚ ସଞ୍ଚାଳନା କରିଥିବାବେଳେ ସଂଯୋଜକ ଡ. ପ୍ରିୟରଞ୍ଜନ ରଥଙ୍କ ସଂଯୋଜନାରେ ସଂଗୋଷ୍ଠୀର ଉଦ୍‌ଯାପନୀ ଅଧିବେଶନ ଅନୁଷ୍ଠିତ ହୋଇଥିଲା। ଏଥିରେ ଅଧ୍ୟାପକ ଡ. ସୁଶାନ୍ତ କୁମାର ଶତପଥୀ, ଡ. ନୀଳମାଧବ ଦାଶ, ଡ. ରାଜଶ୍ରୀ ପାଢ଼ୀ, ଡ. ମହେଶ ପାଣିଗ୍ରାହୀ, ଡ. ସ୍ୱାଗତିକା ମହାନ୍ତି, ଡ. ମିଥୁନ ଶତପଥୀ, ଡ. ସନ୍ଦୀପ ଚାଟାର୍ଜୀ, ଡ. ରୁଦ୍ର ପ୍ରସାଦ ମିଶ୍ରଙ୍କ ସମେତ ପରିସରର ଅଧ୍ୟାପୀ ସକ୍ରିୟ ଅଂଶଗ୍ରହଣ କରିଥିଲେ। ଶେଷରେ ପ୍ରଫେସର ଜନ୍ମେଞ୍ଜୟ ଧନ୍ୟବାଦ ଅର୍ପଣ କରିଥିଲେ।

## କଳାକାର କ୍ରିକେଟ୍ ଲିଗ୍ ଉଦ୍‌ଘାଟିତ

**ପୁରୀ,୧୩।୧୨(ସମିସ):** ସବୁବେଳେ ମଞ୍ଚରେ ରହି ଦର୍ଶକଙ୍କ ମନୋରଞ୍ଜନ କରୁଥିବା କଳାକାରମାନେ ହାତରେ ବଲ୍ ବ୍ୟାଟ୍ ଧରି କ୍ରିକେଟ୍ ପଡ଼ିଆକୁ ଓହ୍ଲାଇଛନ୍ତି। ଅଭିନୟ କି ନୃତ୍ୟଗୀତ ନୁହେଁ ଛକା, ଚଉକାରେ ମନୋରଞ୍ଜନ କରିବା ପାଇଁ ନିଆରା ଚେଷ୍ଟା କରିଛନ୍ତି। ଏଥିପାଇଁ ଶନିବାର ସ୍ଥାନୀୟ ଜଗନ୍ନାଥ କ୍ରିକେଟ୍ ଷ୍ଟାଡିୟମ୍‌ରେ ଉଦ୍‌ଘାଟିତ ହୋଇଛି ଓଡ଼ିଶା ଆର୍ଟିଷ୍ଟ କ୍ରିକେଟ୍ ଲିଗ୍। ଦୁଇ ଦିନ ଧରି ଏହି କ୍ରିକେଟ୍ ପ୍ରତିଯୋଗିତା ଚାଲିବ। ରବିବାର




ସନ୍ଧ୍ୟାରେ ଡେ-ନାଇଟ୍ ମ୍ୟାଚ୍ ଖେଳାଯିବ। ଏହି ଓଡ଼ିଶା ଆର୍ଟିଷ୍ଟ କ୍ରିକେଟ୍ ଲିଗ୍‌ରେ ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ କଳାକାରମାନେ ଯୋଗଦେଇଛନ୍ତି। ପୁରୀ ସୁପରକିଙ୍ଗ୍ କ୍ରିକେଟ୍ କ୍ଲବ୍ ଆନୁକୂଲ୍ୟରେ ଆୟୋଜିତ ଏହି କ୍ରିକେଟ୍ ଲିଗ୍‌ରେ ୫ଟି ଟିମ୍ ଅଂଶଗ୍ରହଣ କରିଛନ୍ତି। ନିଜ ଜୀବନଚର୍ଯ୍ୟାରେ ସବୁବେଳେ ବ୍ୟସ୍ତ ରହି ଲୋକଙ୍କ ମନୋରଞ୍ଜନ କରୁଥିବା କଳାକାରଙ୍କୁ ଗୋଟିଏ ସ୍ଥାନରେ ଏକାଠି କରି ସେମାନଙ୍କ ଭିତରେ ଭାଇଚାରା, ଖୁସି ମନାଇବା ପାଇଁ ଓଡ଼ିଶା ଆର୍ଟିଷ୍ଟ କ୍ରିକେଟ୍ ଲିଗ୍‌ର ଆୟୋଜନ କରାଯାଇଛି। ପୂର୍ବରୁ କେବଳ ଭୁବନେଶ୍ୱର ଓ କଟକରେ ଓଡ଼ିଶା ମ୍ୟୁଜିକ୍ ପ୍ରିମିୟର ଲିଗ୍ ଅନୁଷ୍ଠିତ ହେଉଥିଲାବେଳେ ପୁରୀରେ ଆର୍ଟିଷ୍ଟ କ୍ରିକେଟ୍ ଲିଗ୍ ଅନୁଷ୍ଠିତ ହେଉଛି। ଉଦ୍‌ଘାଟନୀ ଉତ୍ସବରେ ଅତିଥି ଭାବେ ରାଜ୍ୟସଭା ସାଂସଦ ଶୁଭାଶିଷ୍ ଖୁଣ୍ଟିଆ, ରାଜ୍ୟ କ୍ରୀଡ଼ା ଓ ଯୁବ ବ୍ୟାପାର ବିଭାଗ କାର୍ଯ୍ୟକ୍ରମ ଅଧିକାରୀ ହରିଶ ମିଶ୍ର, ସେବାୟତ ହରେକୃଷ୍ଣ ମହାସୁଆର ପ୍ରମୁଖ ଯୋଗଦେଇଥିଲେ।

## ସତ୍ୟବାଦୀ ଚେତନା ଚିନ୍ତନ ନ୍ୟାସର ବାର୍ଷିକ ଉତ୍ସବ

**ପୁରୀ,୧୩।୧୨(ସମିସ):** ସତ୍ୟବାଦୀ ଚେତନା ଚିନ୍ତନ ନ୍ୟାସର ଦ୍ୱିତୀୟ ବାର୍ଷିକ ଉତ୍ସବ ତଥା କବି କୈଳାସ ରାୟଙ୍କ ୭୩ତମ ଜୟନ୍ତୀ ଅଠରନଳା ପାର୍କ ପରିସରରେ ଅନୁଷ୍ଠିତ ହୋଇଯାଇଛି। ନ୍ୟାସର ସଭାପତି ଗିରୀଶ ଚନ୍ଦ୍ର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ବିଶିଷ୍ଟ ଗବେଷକ ଭୀମସେନ ମହାପାତ୍ର ମୁଖ୍ୟଅତିଥି, ଓଡ଼ିଆ ବିଶ୍ୱବିଦ୍ୟାଳୟର ସହଯୋଗୀ ପ୍ରଫେସର ଡ. ରାଧାଗୋବିନ୍ଦ କୁଇଲା ମୁଖ୍ୟବକ୍ତା ରୂପେ ଯୋଗଦେଇଥିଲେ। ପ୍ରାରମ୍ଭରେ ନ୍ୟାସର ସମ୍ପାଦକ ମହେନ୍ଦ୍ର ବିଶୋଇ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଅତିଥିମାନଙ୍କ ଦ୍ୱାରା ନ୍ୟାସର ଲୋଗୋ ଏବଂ ବାର୍ଷିକ ପତ୍ରିକା “ସତ୍ୟସୁଧା’ ଉନ୍ମୋଚିତ ହୋଇଥିଲା। କାର୍ଯ୍ୟକାରୀ ସଭାପତି ସାମନ୍ତ ଚନ୍ଦ୍ରଶେଖର ମହାବିଦ୍ୟାଳୟର ଓଡ଼ିଆ ବିଭାଗ ମୁଖ୍ୟ ଡ. ଦିଲ୍ଲୀପ କୁମାର ସ୍ୱାଇଁ କବି କୈଳାସ ରାୟଙ୍କ ସାହିତ୍ୟକୃତି ଏବଂ ସତ୍ୟବାଦୀ ସାହିତ୍ୟର ଧାରା ସମ୍ପର୍କରେ ଆଲୋଚନା କରିଥିଲେ। ସହ ସମ୍ପାଦକ କାମଦେବ ମହାରଣା କବିତାପାଠ କରିଥିବାବେଳେ ଉପଦେଷ୍ଟା ଗୋଲକ ଚନ୍ଦ୍ର ଜେନା ଅନୁଷ୍ଠାନର କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋକପାତ କରିଥିଲେ। ଏଥିରେ ଓଡ଼ିଆ ବକ୍ତୃତା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର, ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଅତିଥିମାନେ ସତ୍ୟବାଦୀ ଯୁଗର ପଞ୍ଚସଖାଙ୍କ ଉଚ୍ଚାଙ୍ଗ ଭାଷା, ସାହିତ୍ୟ ଉପରେ ଆଲୋଚନା କରି ଆଗାମୀ ଭବିଷ୍ୟତର ଯୁବପିଢ଼ିଙ୍କ ନିକଟରେ ସତ୍ୟବାଦୀ ସାହିତ୍ୟର ଭାବଧାରାକୁ ପହଞ୍ଚାଇବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ଅନନ୍ତ ପ୍ରସାଦ। ମଞ୍ଚ ସଂଯୋଜନା କରିଥିଲେ ନ୍ୟାସର କୋଷାଧ୍ୟକ୍ଷ ଲକ୍ଷ୍ମୀଧର ମାଝୀ। ଏହି ଅବସରରେ କବି କଳ୍ପନା ମିଶ୍ରଙ୍କ ସଂଯୋଜନାରେ କଣ୍ଠଶିଳ୍ପୀ ପ୍ରୀତିଶା ମହାପାତ୍ର, ମିରାମ୍ବିକା ପାତ୍ର, ଅଂଶୁମାନ ସ୍ୱାଇଁ, ପ୍ରଜ୍ଞା ପରମିତା ମିଶ୍ର ପ୍ରମୁଖ ଭକ୍ତି ସଙ୍ଗୀତ ପରିବେଷଣ କରିଥିଲେ। ନ୍ୟାସ ସଦସ୍ୟ କ୍ଷେତ୍ର ପ୍ରସାଦ, ରମେଶ ଚନ୍ଦ୍ର ଦାଶ, କ୍ରିଷ୍ଣା ମହାପାତ୍ର, ବସନ୍ତ ମହାନ୍ତି, ପ୍ରଫୁଲ୍ଲ ରାଉତ, ବନମାଳୀ ପୃଷ୍ଟି, ଗଣେଶ୍ୱର ମଲ୍ଲିକ, ଜଳନ୍ଧର ବିଶୋଇ ପ୍ରମୁଖ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ।

### ଚତୁର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତ

## ୧୩,୩୪୦ଟି ମୋକଦ୍ଦମାର ଫଇସଲା




**ଜରିମାନା ଓ କ୍ଷତିପୂରଣ ବାବଦରେ ୫ କୋଟି ୩୮ ଲକ୍ଷ ୪୭ ହଜାର ୪୭୨ ଟଙ୍କା ଆଦାୟ**

**ପୁରୀ,୧୩।୧୨(ସମିସ):** ଜିଲ୍ଲା ଆଇନ ସେବା ପ୍ରାଧିକରଣ ଆନୁକୂଲ୍ୟରେ ଶନିବାର ପୁରୀ ସମେତ ନିମାପଡ଼ା, ପିପିଲି, କୋଣାର୍କ, କଣାସ, ବ୍ରହ୍ମଗିରି, ଅସ୍ତରଙ୍ଗ ଓ କାକଟପୁର କୋର୍ଟରେ ଚତୁର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ପୁରୀ ଜିଲ୍ଲା ଆଇନ ସେବା ପ୍ରାଧିକରଣର ଅଧ୍ୟକ୍ଷା ତଥା ଜିଲ୍ଲା ଓ ଦୌରାଜଜ୍ ଅଜନ୍ତା ଷଡ଼ଙ୍ଗୀଙ୍କ ତତ୍ତ୍ୱାବଧାନରେ ପ୍ରାଧିକରଣର ସଚିବ ପରିତୋଷ କୁମାର ସେଠୀଙ୍କ ପରିଚାଳନାରେ ଏହା ଅନୁଷ୍ଠିତ ହୋଇଥିଲା। ଏହି ଲୋକ ଅଦାଲତରେ ୧୩ ହଜାର ୩୪୦ଟି ମୋକଦ୍ଦମା ଫଇସଲା କରାଯିବା ସହ ଜରିମାନା ଓ କ୍ଷତିପୂରଣ ବାବଦରେ ୫ କୋଟି ୩୮ ଲକ୍ଷ ୪୭ ହଜାର ୪୭୨ ଟଙ୍କା ଆଦାୟ କରାଯାଇଛି। ଜିଲ୍ଲା ଓ ଦୌରାଜଜ୍ ଏହି ଲୋକ ଅଦାଲତକୁ ଉଦ୍‌ଘାଟନ କରିଥିଲେ। ପରିବାର ଅଦାଲତ ବିଚାରପତି ସୁମିତା ଜେନା, ପ୍ରଥମ ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍ ସୈକତ ପାତ୍ର, ଦ୍ୱିତୀୟ ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍ ଚିନ୍ମୟ ମିଶ୍ର, ମୁଖ୍ୟ ବିଚାରପତି ସୁଶାନ୍ତ କୁମାର ମିଶ୍ର, ବରିଷ୍ଠ ଦେୱାନି ବିଚାରପତି ସୌମ୍ୟରୂପ ସାହୁ, ଅତିରିକ୍ତ ବରିଷ୍ଠ ଦେୱାନି ବିଚାରପତି ପ୍ରଜ୍ଞା ପଣ୍ଡା, ଦ୍ୱିତୀୟ ଅତିରିକ୍ତ ବରିଷ୍ଠ ଦେୱାନି ବିଚାରପତି ସୋନାଲୀ ଅପରାଜିତା, ଦେୱାନି ବିଚାରପତି ସିଦ୍ଧାର୍ଥ ଶଙ୍କର ସେନାପତି, ଉପଖଣ୍ଡ ବିଚାର ବିଭାଗୀୟ ବିଚାରପତି ପତିତପାବନ ପଣ୍ଡା, ଗ୍ରାମ ନ୍ୟାୟାଧିକାରୀ ସୋନାଲୀ ମହାନ୍ତି, ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ବିଚାରପତି (କଗ୍-୧) ମିସ୍ ରୀତିକା ଗର୍ଗ, ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ବିଚାରପତି (କଗ୍-୨) ଅନିମେଶ ଜେନା, ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ବିଚାରପତି ସୌରଭ ମହାପାତ୍ର, ଶିବାନୀ ମହାପାତ୍ର, ନିଲିସା ପଟ୍ଟନାୟକ ମାମଲାଗୁଡ଼ିକର ବିଚାର କରିଥିଲେ। ଲୋକ ଅଦାଲତରେ ୭୬ଟି ମୋଟର ଦୁର୍ଘଟଣା ମାମଲା ବିଚାର କରାଯାଇ ୪ କୋଟି ୫ ଲକ୍ଷ ୪୫ ହଜାର ଟଙ୍କା ଆଦାୟ କରାଯାଇଛି। ସେହିପରି ଅନ୍ୟାନ୍ୟ ମାମଲାର ଫଇସଲା କରାଯାଇ ୬୨ ଲକ୍ଷ ୭୮ ହଜାର ୯୮୫ ଟଙ୍କା ଆଦାୟ କରାଯାଇଛି। ଏହି ଲୋକ ଅଦାଲତରେ ଜିଲ୍ଲା କାରାଗାରର କଏଦୀମାନଙ୍କ ଦ୍ୱାରା ତିଆରି କରାଯାଇଥିବା ନିତ୍ୟ ବ୍ୟବହାର୍ଯ୍ୟ ଜିନିଷଗୁଡ଼ିକର ଷ୍ଟଲ୍ କୋର୍ଟ ପରିସରରେ ପ୍ରଦର୍ଶିତ ହୋଇଥିଲା।

## ରାଜ୍ୟସ୍ତରୀୟ ମଞ୍ଚ ନାଟକ ପ୍ରତିଯୋଗିତା: ‘ମନ୍ ଜାନି ମୁନୁଷ୍’ ମଞ୍ଚସ୍ଥ

**ପୁରୀ,୧୩।୧୨(ସମିସ):** ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚରେ ଅନୁଷ୍ଠାନ ଆମର ପକ୍ଷରୁ ଚାଲିଥିବା ୧୭ତମ ରାଜ୍ୟସ୍ତରୀୟ ମଞ୍ଚ ନାଟକ ପ୍ରତିଯୋଗିତାର ଶନିବାର ଥିଲା ସପ୍ତମ ସନ୍ଧ୍ୟା। ସମ୍ବଲପୁର ଜିଲ୍ଲା ମଞ୍ଚ ନାୟକ ଅନୁଷ୍ଠାନ ପକ୍ଷରୁ ନାଟକ ‘ମନ୍ ଜାନି ମୁନୁଷ୍’ ମଞ୍ଚସ୍ଥ ହୋଇଥିଲା। ସମାଜର ଜଟିଳ ସଂଘର୍ଷପୂର୍ଣ୍ଣ ପରିସ୍ଥିତିକୁ ବୁଝିପାରୁ ନ ଥିବା ଜଣେ ଆଦର୍ଶ ଶିକ୍ଷକ ଗଜାନନ ବାବୁଙ୍କ କାହାଣୀ ଥିଲା ମନ୍ ଜାନି ମୁନୁଷ୍। ଗଜାନନ ବାବୁ ପରିବାରର ସଉକକୁ ପୂରଣ କରିପାରୁ ନାହାନ୍ତି। ଏହି ଜଟିଳ ପରିସ୍ଥିତିକୁ ସାମ୍ନା କରିବାକୁ ସାହସ ଦେଉଛନ୍ତି ତାଙ୍କ ସାଙ୍ଗ ଗୋବର୍ଦ୍ଧନ। ତାଙ୍କର ମୂଳ ମନ୍ତ୍ର ରହିଥିଲା ଯିଏ ଯେମିତି ବଞ୍ଚିବାକୁ ଚାହିଁଛି ତାକୁ ସେମିତି ବଞ୍ଚିବାକୁ ଦିଅ। ଏହା ହିଁ ଥିଲା ‘ମନ୍ ଜାନି ମୁନୁଷ୍’। ମଞ୍ଚ ପରିଚାଳନା କରିଥିଲେ ଅଭିନେତା ସମୀର ଶତପଥୀ ଓ ଶେଷରେ ଅନୁଷ୍ଠାନର ସମ୍ପାଦକ ଗୋବିନ୍ଦ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ସଭାପତି ଭରତ ନାୟକଙ୍କ ସଭାପତିତ୍ୱରେ ଅତିଥି ଭାବେ ଓଡ଼ିଶା ନାଟ୍ୟ ସଂଘ ସଭାପତି ମିହିର ମେହେର, ଓଡ଼ିଶା ନାଟ୍ୟ ସଂଘର ପ୍ରାକ୍ତନ ସାଧାରଣ ସମ୍ପାଦକ ଶୁଭକାନ୍ତ ପାଢ଼ୀ, ରାଜନେତା ଉମାକାନ୍ତ ନାୟକ, ପୀତବାସ ନାୟକ, ସମାଜସେବୀ ଅନିରୁଦ୍ଧ ରାଉତ, ପ୍ରଦ୍ୟୁମ୍ନ ମିଶ୍ର ଯୋଗଦେଇଥିଲେ।

### ପୁଲିସ-ଡିଜେ ଆସୋସିଏସନ ବୈଠକ

## ବିନା ଅନୁମତିରେ ଡିଜେ ବଜାଇବା ମନା



**ପୁରୀ,୧୩।୧୨(ସମିସ):** ପୁରୀ ସହରରେ ଶାନ୍ତିଶୃଙ୍ଖଳା, ଶବ୍ଦ ନିୟନ୍ତ୍ରଣ ଏବଂ ଆଇନ ଶୃଙ୍ଖଳାକୁ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ଏସ୍‌ପି ପ୍ରତୀକ୍ ସିଂଙ୍କ ନିର୍ଦ୍ଦେଶକ୍ରମେ ଶନିବାର ଟାଉନ୍ ଥାନା ପରିସରରେ ପୁରୀ ପୁଲିସ ଓ ଡିଜେ ସଂଘର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ସିଟି ଡିଏସ୍‌ପି ପ୍ରଶାନ୍ତ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ କୁମ୍ଭାରପଡ଼ା ଥାନାଧିକାରୀ ସୁଶାନ୍ତ ସାହୁ, ଟାଉନ୍ ଥାନାଧିକାରୀ ଗୋକୁଳ ରଞ୍ଜନ ଦାସ, ସମୁଦ୍ରକୂଳ ଥାନାଧିକାରୀ ମାନସ ଚକ୍ର ଏବଂ ତାଳବଣିଆ ଥାନାଧିକାରୀ ଗୀତାଞ୍ଜଳି ନାୟକ ଉପସ୍ଥିତ ଥିଲେ। ଏଥିସହିତ ଡିଜେ ଆସୋସିଏସନ୍‌ର ସମସ୍ତ ସଭ୍ୟ ଯୋଗଦେଇଥିଲେ। ସହର ମଧ୍ୟରେ ବିଭିନ୍ନ ପର୍ବପର୍ବାଣୀ, ବିବାହ, ଶୋଭାଯାତ୍ରା, ସାମାଜିକ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ସମୟରେ ଡିଜେ ବ୍ୟବହାର ସମ୍ବନ୍ଧୀୟ ନିୟମ ଓ ନିର୍ଦ୍ଦେଶିକାଗୁଡ଼ିକୁ ସଠିକ୍ ଭାବେ ଅନୁପାଳନ କରିବା ବୈଠକର ମୁଖ୍ୟ ଉଦ୍ଦେଶ୍ୟ ରହିଥିଲା। ଏଥିରେ ସିଟି ଡିଏସ୍‌ପି ଶ୍ରୀ ସାହୁ କହିଥିଲେ, କୌଣସି ପ୍ରକାର ଡିଜେ, ମାଇକ୍, ସାଉଣ୍ଡ ସିଷ୍ଟମ୍ ବ୍ୟବହାର ପୂର୍ବରୁ ମାଜିଷ୍ଟ୍ରେଟ୍‌ଙ୍କ ଲିଖିତ ଅନୁମତି ନେବା ଅନିବାର୍ଯ୍ୟ। ବିନା ଅନୁମତିରେ ଡିଜେ ବଜାଇବା ଆଇନ ବିରୋଧୀ। କେହି ଅବମାନନା କଲେ କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବ। ଉଚ୍ଚ ଶବ୍ଦ ସମ୍ପୂର୍ଣ୍ଣ ଭାବେ ନିଷିଦ୍ଧ। ନିର୍ଦ୍ଧାରିତ ଶବ୍ଦ ମାପଦଣ୍ଡକୁ ଅତିକ୍ରମ କରି ଉଚ୍ଚ ସ୍ୱରରେ କେହି ଡିଜେ ବଜାଇ ପାରିବେନାହିଁ। ଏହାଦ୍ୱାରା ବୃଦ୍ଧ, ରୋଗୀ, ଶିଶୁ ଓ ଛାତ୍ରଛାତ୍ରୀମାନଙ୍କୁ ଅସୁବିଧା ହେଉଥିବାରୁ ପୁଲିସ ପ୍ରଶାସନ ଏହାକୁ ଗୁରୁତ୍ୱର ସହ ଗ୍ରହଣ କରିବ। ଡିଜେ ସହ ଆତସବାଜି ବା ବିସ୍ଫୋରକ ବ୍ୟବହାର ସମ୍ପୂର୍ଣ୍ଣ ଭାବେ ନିଷେଧ କରାଯାଇଛି। ଏହାଦ୍ୱାରା ଅଗ୍ନିକାଣ୍ଡ ଓ ଜୀବନହାନିର ସମ୍ଭାବନା ଥାଏ। ସରକାରୀ ନିର୍ଦ୍ଦେଶ ଅନୁଯାୟୀ, ରାତି ୧୦ଟା ପରେ କୌଣସି ପ୍ରକାର ସାଉଣ୍ଡ ସିଷ୍ଟମ୍, ଡିଜେ ବା ମାଇକ୍ ବାଜିପାରିବ ନାହିଁ। ବୈଠକରେ ଉପସ୍ଥିତ ସଂଘ ସଦସ୍ୟମାନେ ପୁରୀ ପୁଲିସର ନିର୍ଦ୍ଦେଶିକାକୁ ସମ୍ପୂର୍ଣ୍ଣ ଭାବେ ମାନିବା ଏବଂ ଆଇନ ଶୃଙ୍ଖଳା ରକ୍ଷାରେ ପୁଲିସକୁ ସହଯୋଗ କରିବା ପାଇଁ ଆଶ୍ୱାସନ ଦେଇଥିଲେ। ଯଦି କୌଣସି ସ୍ଥାନରେ କେହି ନିୟମ ଉଲ୍ଲଂଘନ କରୁଛନ୍ତି, ତେବେ ତୁରନ୍ତ ୧୧୨ରେ ଯୋଗାଯୋଗ କରିବାକୁ ପୁଲିସ ପକ୍ଷରୁ ଅନୁରୋଧ କରାଯାଇଛି।

## ସମାଜ ସଂସ୍କାରିକାଙ୍କ ପରଲୋକ

**ପୁରୀ,୧୩।୧୨(ସମିସ):** ବିଶିଷ୍ଟ ଭାଗବତ ପ୍ରଚାରିକା ତଥା ସମାଜ ସଂସ୍କାରିକା ସତ୍ୟଭାମା ପଟ୍ଟନାୟକଙ୍କ ୮୩ ବର୍ଷ ବୟସରେ ପରଲୋକ ହୋଇଯାଇଛି। ସ୍ୱର୍ଗଦ୍ୱାରଠାରେ ତାଙ୍କ ମରଶରୀରରେ ଭାଗବତ ଭାଷ୍ୟକାର ବଦ୍ରି ମିଶ୍ର, ଘରେ ଘରେ ଭାଗବତ ପକ୍ଷରୁ ପ୍ରବଚିକା ନିର୍ମଳା ଫତେସିଂହ ଓ ସୁଲୋଚନା ମିଶ୍ର ଏବଂ ଗାଁ ଗାଁରେ ଭାଗବତର ପରିଚାଳିକା ସୁନନ୍ଦା ପଟ୍ଟନାୟକ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଅନ୍ତ୍ୟେଷ୍ଟିକ୍ରିୟା ସମୟରେ ତାଙ୍କର ସବୁ ପୁତ୍ର, କନ୍ୟା ଓ ଆତ୍ମୀୟସ୍ୱଜନ ଯୋଗଦେଇଥିବା ବେଳେ ବଡ଼ପୁଅ ପ୍ରଦ୍ୟୁମ୍ନ ପଟ୍ଟନାୟକ ମୁଖାଗ୍ନି ଦେଇଥିଲେ।

### ବେଳାଭୂମିରେ ମହୋଦଧି ଦିବସ

## ଜାପାନର ଆକିଏ ଦୋଇଙ୍କୁ ‘ମହୋଦଧି ସମ୍ମାନ’

**ପୁରୀ,୧୩।୧୨(ସମିସ):** ପୁରୀ ବେଳାଭୂମିରେ ଶୁକ୍ରବାର ମହୋଦଧି ଦିବସ ପାଳିତ ହୋଇଯାଇଛି। ନଦୀ, ସମୁଦ୍ର, ଜଙ୍ଗଲ ଇତ୍ୟାଦିର ସୁରକ୍ଷା ଓ ପବିତ୍ରତାକୁ ରକ୍ଷା କରିବା ଉଦ୍ଦେଶ୍ୟରେ ପ୍ରତିବର୍ଷ ଡିସେମ୍ବର ୧୨ ତାରିଖକୁ ମହୋଦଧି ଦିବସ ରୂପେ ‘ଦ ବେଲ୍’ ଅନୁଷ୍ଠାନ ତରଫରୁ ପାଳନ କରାଯାଉଛି। ଏ ବର୍ଷ ପୁରୀ ସହିତ ରାଜ୍ୟର ୧୫ଟି ଜିଲ୍ଲାରେ ଏକକାଳୀନ ଏହି ଦିବସ ପାଳନ କରାଯାଇଛି ବୋଲି ଅନୁଷ୍ଠାନର ସାଧାରଣ ସମ୍ପାଦକ ରାଜକିଶୋର ପାତ୍ର ସୂଚନା ଦେଇଛନ୍ତି। ଦ ବେଲ୍ ଓ ପରିବର୍ତ୍ତନ ଓଡ଼ିଶା ମିଳିତ ଆନୁକୂଲ୍ୟରେ ତଥା ରାଜ୍ୟ ସରକାରଙ୍କ ସଂସ୍କୃତି ବିଭାଗ ସହଯୋଗରେ ଆୟୋଜିତ ଉଦ୍‌ଯାପନୀ ସନ୍ଧ୍ୟାରେ ଓଲିଉଡ୍ ଓ ଟଲିଉଡ୍ କଳାକାରଙ୍କ ଦ୍ୱାରା ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ପରିବେଷଣ କରଯାଇଥିଲା। ନିର୍ଦ୍ଦେଶକ ଅଶୋକ ପତିଙ୍କ ନିର୍ଦ୍ଦେଶିତ ନୂଆ ସିନେମା ‘ଲଭ୍ରେଇ’ର ତାରକାମାନଙ୍କ ସହିତ ଆଗକୁ ଆସୁଥିବା ‘ଅପେକ୍ଷା’ ଚଳଚ୍ଚିତ୍ରର ପ୍ରସିଦ୍ଧ ନାୟିକା ପୁଷ୍ପା ପଣ୍ଡା, ଅଭିନେତା ସାର୍ଥକ, ଶୁଭାଙ୍ଗୀ, ପ୍ରଦୀପ ଦେବତା ତଥା ପ୍ରଯୋଜକ କେ. ତମନ୍ନା ବିଭିନ୍ନ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଓଲିଉଡ୍ କଣ୍ଠଶିଳ୍ପୀ ବିଷ୍ଣୁମୋହନ କବି, ସୌମ୍ୟା ଦାସ, ମିସ୍ ସାଇନା, ରାଜେନ୍ଦ୍ର ମିଶ୍ର, ଦୀପକ ପଣ୍ଡା ପ୍ରମୁଖ ଓଡ଼ିଆ ଓ ହିନ୍ଦୀ ସଙ୍ଗୀତ ପରିବେଷଣ କରିଥିଲେ। ପୁରୀ ଜିଲ୍ଲା କିନ୍ନର ମହାସଂଘ ପକ୍ଷରୁ ଫେଶନ ଶୋ’ ବେଶ୍ ଆକର୍ଷଣୀୟ ହୋଇଥିଲା। କୋଲକାତାର ‘ସୃଜନ’ ନୃତ୍ୟ ଅନୁଷ୍ଠାନ ତରଫରୁ ପ୍ରଦର୍ଶିତ କରାଯାଇଥିବା ଲୋକନୃତ୍ୟ ଦର୍ଶକ ଓ ପର୍ଯ୍ୟଟକଙ୍କୁ ବିମୋହିତ କରିଥିଲା।

ଅନୁଷ୍ଠାନ ତରଫରୁ ପୁରୀ ଜିଲ୍ଲା ମତ୍ସ୍ୟଜୀବୀ ମହାସଂଘ ସହଯୋଗରେ ନୌଚାଳନା ପ୍ରତିଯୋଗିତା ଆୟୋଜନ କରଯାଇଥିଲା। ସେହିପରି ଓଡ଼ିଶାର ବିଶିଷ୍ଟ କବି ଓ କବୟିତ୍ରୀମାନଙ୍କୁ ନେଇ ରାଜ୍ୟସ୍ତରୀୟ କବିତା ଆସର ‘ଉର୍ମୀ’ ଆୟୋଜିତ ହୋଇଥିଲା। ଅପରାହ୍ଣରେ ରଗ୍‌ବୀ, ଟଗ୍ ଅଫ୍ ୱାର୍, ବିଚ୍ ଭଲି ବଲ୍ ଭଳି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପର୍ଯ୍ୟଟକମାନଙ୍କୁ ଆକର୍ଷିତ କରିବା ପାଇଁ ‘ନିର୍ମାଣ’ ଅନୁଷ୍ଠାନ ମିଳିତ ଆନୁକୁଲ୍ୟରେ ମହୋଦଧି କଳା ମେଳା ଆୟୋଜିତ ହୋଇଥିଲା। ରାଜ୍ୟ ତଥା ଦେଶର ବିଭିନ୍ନ ସ୍ଥାନରୁ ୨୦ରୁ ଉର୍ଦ୍ଧ୍ୱ ଚିତ୍ରଶିଳ୍ପୀ ଯୋଗଦେଇ ମହୋଦଧି ତଥା ଶ୍ରୀଜଗନ୍ନାଥ ସମ୍ପର୍କିତ ଚିତ୍ରକଳା ପ୍ରଦର୍ଶନ କରିଥିଲେ। ଏହି ଅବସରରେ ପରିବେଶ ସୁରକ୍ଷା ଦିଗରେ ଉତ୍ତମ କାର୍ଯ୍ୟ କରି ଉଦାହରଣ ସୃଷ୍ଟି କରିଥିବା ଜାପାନର ସମାଜସେବୀ ଆକିଏ ଦୋଇଙ୍କୁ ମହୋଦଧି ସମ୍ମାନ-୨୦୨୫ରେ ସମ୍ମାନିତ କରଯାଇଥିଲା। ମହୋଦଧି କଳା ମେଳାରେ ପ୍ରଦର୍ଶିତ ଚିତ୍ରଗୁଡ଼ିକ ମଧ୍ୟରୁ ପବ୍ଲିକ୍ ଭୋଟିଂ ମାଧ୍ୟମରେ ଚୟନ କରାଯାଇଥିବା ଚିତ୍ରଶିଳ୍ପୀ ଜ୍ୟୋତିରାଦିତ୍ୟ ମହାପାତ୍ରଙ୍କୁ ମହୋଦଧି କଳାମେଳା ସମ୍ମାନ ପ୍ରଦାନ କରଯାଇଥିଲା। ରେଡ୍ ସ୍ୱସ୍ତିକ ପରିବାର ପକ୍ଷରୁ ଭିନ୍ନକ୍ଷମମାନଙ୍କୁ ହୁଇଲ୍ ଚେୟାର ସହିତ ମହିଳାମାନଙ୍କ ସଶକ୍ତୀକରଣ ନିମନ୍ତେ ପାରାସ୍ପୋର୍ଟ୍ସ ଖେଳାଳିଙ୍କୁ ସିଲାଇ ମେସିନ୍ ଦିଆଯାଇଥିଲା। ଅନ୍ତର୍ଜାତୀୟ ବାଲୁକା ଶିଳ୍ପୀ ମାନସ କୁମାର ସାହୁ ମହୋଦଧିର ସୁରକ୍ଷା ତଥା ଦେଶପ୍ରେମ ସଚେତନତା ପାଇଁ ସ୍ୟାଣ୍ଡ ଆନିମେସନ ମାଧ୍ୟମରେ ବାର୍ତ୍ତା ବାଣ୍ଟିଥିଲେ।

କାର୍ଯ୍ୟକ୍ରମର ବିଭିନ୍ନ ପର୍ବରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶରତ ଚନ୍ଦ୍ର ମହାପାତ୍ର, ଜିଲ୍ଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା, ସୂଚନା ଓ ଲୋକ ସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ପ୍ରାକ୍ତନ ବିଧାୟକ ଜୟନ୍ତ ଷଡ଼ଙ୍ଗୀ, ଛତିଶା ନିଯୋଗ ମହାନାୟକ ଜନାର୍ଦ୍ଦନ ପାଟଯୋଶୀ, ଉତ୍ସବ ଅଭ୍ୟର୍ଥନା କମିଟି ଅଧ୍ୟକ୍ଷ ଜିତେନ୍ଦ୍ର ମହାପାତ୍ର, ବରିଷ୍ଠ ସେବାୟତ ରାମକୃଷ୍ଣ ଦାସ ମହାପାତ୍ର, ଆଇକନିକ୍ ସ୍ପୋର୍ଟ୍ସ ଫେଡେରେସନ ବରଗଡ଼ ଜିଲ୍ଲା ସଭାପତି କେ. ତମନ୍ନା, ଉତ୍କଳୀୟ ସ୍ୱାଭିମାନ ମଞ୍ଚ ଅଧ୍ୟକ୍ଷ ମନୋଜ ନାୟକ ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ଶ୍ୟାମା ପ୍ରସାଦ ମିଶ୍ର, ବିଭୁପ୍ରସାଦ ମିଶ୍ରଙ୍କ ସମେତ ଅନୁଷ୍ଠାନର ସଦସ୍ୟ ଓ ସଦସ୍ୟା ପରିଚାଳନା କରିଥିବାବେଳେ ସୁକାନ୍ତ କୁମାର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ମହୋଦଧି ଦିବସ ପତାକା ଅବତରଣ ସହିତ ୨୦୨୬ରେ ମହୋଦଧି ଦିବସକୁ ଅନ୍ତଃରାଷ୍ଟ୍ରୀୟସ୍ତରରେ ପାଳନ କରାଯିବ ବୋଲି ଦ ବେଲ୍ ତଥା ମହୋଦଧି ଉତ୍ସବ କମିଟି ଅଧ୍ୟକ୍ଷ ସିଦ୍ଧାର୍ଥ ରାୟ ଘୋଷଣା କରିଥିଲେ।

- ଜ୍ୟୋତିରାଦିତ୍ୟ ମହାପାତ୍ରଙ୍କୁ ‘ମହୋଦଧି କଳା ମେଳା ସମ୍ମାନ’
- ସମୁଦ୍ରରେ ନୌଚାଳନା ପ୍ରତିଯୋଗିତାର ମଜା ଉଠାଇଲେ ପର୍ଯ୍ୟଟକ
- ଓଲିଉଡ୍ ଓ ଟଲିଉଡ୍ କଳାକାରଙ୍କ ନୃତ୍ୟ-ସଙ୍ଗୀତରେ ଦୁଲୁକିଲା ମଞ୍ଚ

